## ସଂକ୍ଷେପରେ

### ସବୁଜ ବାହିନୀ ପକ୍ଷରୁ ଚାରା ବଣ୍ଟନ

**ଭଣ୍ଡାରିପୋଖରୀ, ୩୧।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ସବୁଜ ବାହିନୀ ପକ୍ଷରୁ ଗ୍ରାମବାସୀଙ୍କୁ ମାଗଣାରେ ବିଭିନ୍ନ ଚାରା ବଣ୍ଟନ କରାଯାଇଛି। ସ୍ଥାନୀୟ କୁମ୍ଭାରିଆ, ବଳିଘାଇ, ବାଲିପୋଖରୀ, କୋଉକରା ଗ୍ରାମରେ ଚାରା ବଣ୍ଟନ କରାଯାଇଥିଲା। ସବୁଜ ବାହିନୀ ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା, ଶ୍ରୀଧର ସ୍ୱାଇଁ, ଚିତ୍ତରଞ୍ଜନ ଲେଙ୍କା, ସତ୍ୟଜିତ ବାରିକ, ଧୀରେନ୍ଦ୍ର ସାହୁ, ରବୀନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗୀତା ଓ ଭାଗବତ ପ୍ରବଚନ

**ବନ୍ତ, ୩୧।୧୨ (ଡି.ଏନ.ଏ.):** ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଭଣ୍ଡାରଗଡ଼ିଆଠାରେ ଉତ୍କଳୀୟ ଜଗନ୍ନାଥ ସଂସ୍କୃତି ପକ୍ଷରୁ ୪ର୍ଥ ବାର୍ଷିକ ଗୀତା ଓ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓମ୍ ସ୍ପିରିଚୁଆଲ ଆଣ୍ଡ୍ ମୋଟିଭେସନ ସଂସ୍ଥା ଆନୁକୂଲ୍ୟରେ ଦୁଇଦିନ ବ୍ୟାପୀ କାର୍ଯ୍ୟକ୍ରମରେ ନଗର ଭ୍ରମଣ, ଘଟ ଉତ୍ତୋଳନ, ନାରାୟଣଙ୍କ ଉପଚାର ପୂଜା, ଯଜ୍ଞ, ଗୀତା ପାଠ, ପ୍ରବଚନ ଆଦି କାର୍ଯ୍ୟକ୍ରମ କରାଯାଉଛି। ସଭାପତି ତଥା ପ୍ରବଚକ ପ୍ରତାପ କେଶରୀ ଲେଙ୍କା ଓ ସମ୍ପାଦକ ତଥା ବ୍ୟାସ ବସନ୍ତ କୁମାର ମିଶ୍ର ପ୍ରବଚନ ଦେଉଛନ୍ତି। ଜଳଧର ଜେନା, ଗୋପାଳ ଜେନା, କରୁଣାକର ସାହୁ, କାଳନ୍ଦୀ ଚରଣ ସାହୁ, ରଙ୍ଗାଧର ଜେନା ପ୍ରମୁଖଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ ହେଉଛି। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କଳା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ। ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକ, ସରପଞ୍ଚ ଅଶୋକ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭଣ୍ଡାରଗଡ଼ିଆ, ନିଳୋକ, ପଳାସଗଡ଼ିଆ, ବେଗନା, ସାହାଡ଼ାପଲ୍ଲୀ ସମେତ ଆଖପାଖ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି।

### ଜିଲା କଂଗ୍ରେସ ସଭାନେତ୍ରୀଙ୍କୁ ସ୍ୱାଗତ

**ଭଣ୍ଡାରିପୋଖରୀ, ୩୧।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକର ମହିଳାନେତ୍ରୀ ସବିତା ଚନ୍ଦଙ୍କୁ ଜିଲା କଂଗ୍ରେସ ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ କଂଗ୍ରେସ କାର୍ଯ୍ୟାଳୟ ରାଜୀବ ଭବନଠାରେ ଦକ୍ଷିଣବାଡ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରଭାତ ନଳିନୀ ପଣ୍ଡା, ସମିତିସଭ୍ୟାଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଭାନେତ୍ରୀ ଚନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ମହିଳା ନେତ୍ରୀ ଚନ୍ଦଙ୍କୁ ଦ୍ୱିତୀୟ ଥର ପାଇଁ ଜିଲା କଂଗ୍ରେସ ସଭାନେତ୍ରୀ ଭାବେ କାମ କରିବାକୁ ସୁଯୋଗ ମିଳିଥିବାରୁ କଂଗ୍ରେସ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି।

# ନିମ୍ନମାନର ରାସ୍ତା ପ୍ରତିବାଦରେ ଆନ୍ଦୋଳନ

## ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥ

- ଆରମ୍ଭରୁ ରାସ୍ତାରୁ ପିଚୁ ଉଠିଲା
- ନିର୍ମାଣ କାର୍ଯ୍ୟକୁ ବିରୋଧ କରି ରାସ୍ତାରେ ବସିଲେ ଲୋକେ

**ବନ୍ତ,୩୧।୧୨(ଡି.ଏନ.ଏ.)**

ଭଦ୍ରକ-ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥର ଗଣିଜାଙ୍ଗ ବଜାର ଅଞ୍ଚଳ ରାସ୍ତାରେ କାର୍ଯ୍ୟ ଆରମ୍ଭରୁ ପିଚୁ ଉଠିଯାଇଛି। ନିମ୍ନମାନର ନିର୍ମାଣ କାର୍ଯ୍ୟ ପ୍ରତିବାଦରେ ସ୍ଥାନୀୟ ଶତାଧିକ ଲୋକେ କାର୍ଯ୍ୟକୁ ବନ୍ଦ କରିବା ସହ ଗଣିଜାଙ୍ଗ ବଜାର ରାସ୍ତା ଉପରେ ସୋମବାର ଅପରାହ୍ନରେ ଆନ୍ଦୋଳନ କରିଥିଲେ। ଫଳରେ ରାସ୍ତାରେ ଗାଡିମୋଟର ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା।

ପ୍ରକାଶ ଯେ, ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ନିର୍ମାଣ କାର୍ଯ୍ୟ ୧୦ ବର୍ଷ ଧରି ଚାଲିଛି। ବିଭିନ୍ନ ବଜାର ଅଞ୍ଚଳର ରାସ୍ତା କାର୍ଯ୍ୟ ବାକି ରହିଥିଲା। ଗଣିଜାଙ୍ଗ ତାରିଣୀ ଛକଠାରୁ କାଶିପୁର ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କି.ମି. ରାସ୍ତା ନିର୍ମାଣ ହୋଇ ନ ଥିବାବେଳେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ବର୍ଷକ ତଳେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କିଛିଦିନ ହେବ ପିଚୁ କାର୍ଯ୍ୟ ଚାଲିଛି। ହେଲେ ଠିକ୍ ଭାବେ କାର୍ଯ୍ୟ ହେଉ ନ ଥିବାରୁ ରାସ୍ତାରୁ ପିଚୁ ଉଠି ଯାଉଥିବା ଅଭିଯୋଗ ହୋଇଛି। ସୋମବାର ସ୍ଥାନୀୟ ଲୋକେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ ରାସ୍ତା ଉପରେ ବସି ରହିଥିଲେ। ବଜାର କମିଟି ସଭାପତି ହୃଦାନନ୍ଦ ଘଡେଇ, ସମ୍ପାଦକ ରାମଚନ୍ଦ୍ର ପଣ୍ଡା, ଗଣିଜାଙ୍ଗ ପଞ୍ଚାୟତ କଂଗ୍ରେସ ସଭାପତି ବିଷ୍ଣୁମୋହନ ପଣ୍ଡା, କଂଗ୍ରେସ ଯୁବନେତା ଲାଲା ସ୍ୱାଇଁ, ଅନୀଲ କୁମାର ସ୍ୱାଇଁ, ଅମୂଲ୍ୟ ମହାପାତ୍ର, ନିରଞ୍ଜନ ପାଢୀଙ୍କ ସମେତ ଶତାଧିକ ଲୋକେ ଏଥିରେ ସାମିଲ ହୋଇଥିଲେ। ରାସ୍ତା କାର୍ଯ୍ୟ ଠିକ୍ ନ ହେଲେ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ ବୋଲି କୁହାଯାଇଛି। ବନ୍ତ ତହସିଲଦାର ଫକୀର ପରିଡା ଓ ଗ୍ରାମାଞ୍ଚଳ ସମେତ ବନ୍ତ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା।



ଭଦ୍ରକ-ଆନନ୍ଦପୁର ରାସ୍ତାକୁ ଲୋକେ ଅବରୋଧ କରିଛନ୍ତି।



ଜିଲା ନିବନ୍ଧନ କାର୍ଯ୍ୟାଳୟ ଆଗରେ ମୋହରିର ସଂଘର କର୍ମକର୍ତ୍ତା।

# ମୋହରିରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭଦ୍ରକ ଅଫିସ/ତିହିଡ଼ି/ଚାନ୍ଦବାଲି/ବାସୁଦେବପୁର, ୩୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ମୋହରିର ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ଜିଲା ମୋହରିର ସଂଘ ସମ୍ପାଦକ ଉମାକାନ୍ତ ସାହୁ ଓ ସହସମ୍ପାଦକ ରାମଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଜିଲା ନିବନ୍ଧନ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଥିଲା। ଏଥିରେ ଜିଲାର ୩୦୦ରୁ ଊର୍ଦ୍ଧ୍ୱ ମୋହରିର ସାମିଲ ହୋଇଥିଲେ। ସରକାରଙ୍କ ଦ୍ୱାରା ୮ଟି ବିଭାଗରେ ଚାଲିଥିବା ଅନ୍‌ଲାଇନ ରେଜିଷ୍ଟ୍ରେସନ ବନ୍ଦ କରା ନ ଗଲେ ସମସ୍ତ ମୋହରିର ପରିବାର ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ତିହିଡ଼ି ଉପନିବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟରତ ମୋହରିରମାନେ କାର୍ଯ୍ୟ ବନ୍ଦ କରି ଧାରଣା ଦେଇଥିଲେ। ସଂଘର ତିହିଡ଼ି ଶାଖା ସଭାପତି ଗଜେନ୍ଦ୍ର ପରିଡ଼ା, ସମ୍ପାଦକ ରଙ୍ଗାଧର ତ୍ରିପାଠୀ, ଗଙ୍ଗାଧର ପଣ୍ଡା, ଦର୍ପହରି ମହାନ୍ତି, ସୁରେଶ ନାୟକ ପ୍ରମୁଖ ଧାରଣାରେ ବସିଥିଲେ। ଚାନ୍ଦବାଲି ସବ୍‌ରେଜିଷ୍ଟ୍ରି ଅଫିସର ଦଲିଲ୍ ଲେଖକ ମୋହରିର ସଂଘର ସଭ୍ୟମାନେ ଆନ୍ଦୋଳନ କରିଥିଲେ। ଅନ୍‌ଲାଇନ ରେଜିଷ୍ଟ୍ରେସନ ହେବା ଫଳରେ ସବ୍‌ରେଜିଷ୍ଟ୍ରି ଅଫିସ୍‌ରେ କାର୍ଯ୍ୟରତ ଦଲିଲ୍ ଲେଖକ ମୋହରିର ଜୀବିକା ହରାଇବେ। ଏଥିସହ ଜନସାଧାରଣ ଦଲିଲ୍ ରେଜିଷ୍ଟ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସେହିପରି ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ଓ ଭେଣ୍ଡର ମହାସଂଘର ବାସୁଦେବପୁର ଶାଖା ପକ୍ଷରୁ ସ୍ଥାନୀୟ ଉପନିବନ୍ଧକ ଓ ବିବାହ ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଥିଲା। ମହାସଂଘର ବାସୁଦେବପୁର ଶାଖା ସଭାପତି ବସନ୍ତ ନାୟକ ଓ ସମ୍ପାଦକ ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ମୋହରିର ଓ ଭେଣ୍ଡରମାନେ ଆନ୍ଦୋଳନରେ ସାମିଲ ହୋଇଥିଲେ।

# ବାସୁଦେବପୁର ପୌରପାଳିକା ବାହ୍ୟ ମଳମୁକ୍ତ ସହର ଘୋଷିତ
## ବାହାରିଲା ସଚେତନତା ଶୋଭାଯାତ୍ରା

**ବାସୁଦେବପୁର, ୩୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ବାହ୍ୟମଳମୁକ୍ତ ସହର ଘୋଷଣା ହେବା ପରେ ପୌରପାଳିକା ପକ୍ଷରୁ ସୋମବାର ଏକ ସଚେତନତା ସଭା ଓ ଶୋଭାଯାତ୍ରା କରାଯାଇଥିଲା। ପୌରପାଳିକା କର୍ମଚାରୀଙ୍କୁ ନେଇ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଟାଉନ ହଲ୍‌ଠାରେ ପୌରନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା। ବିଡିଓ ବୀରକିଶୋର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। 'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା'ର ଆହ୍ୱାନକୁ ବାସୁଦେବପୁର ପୌରପାଳିକା ପୂରଣ କରିପାରିଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଲେ ଏହି ଆହ୍ୱାନ ସଫଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ବଢିଯାଇଛି ବୋଲି ମତ ରଖିଥିଲେ। ସଭାରେ ସ୍ୱଚ୍ଛତା ପାଇଁ ସମୁହ ଶପଥପାଠ ହୋଇଥିଲା। ଶରତ କୁମାର ପଣ୍ଡା ନିଜର ମତ ଉପସ୍ଥାପନ କରିଥିଲେ। କର୍ମଚାରୀ ଲଲାଟେନ୍ଦୁ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜିଲାସ୍ତରୀୟ ଆଶୀର୍ବାଦ ଉତ୍ସବ

**ତିହିଡ଼ି, ୩୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ିସ୍ଥିତ ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଜିଲାସ୍ତରୀୟ ଆଶୀର୍ବାଦ ଉତ୍ସବ ସ୍ଥାନୀୟ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ସମାଜିକ କର୍ମୀ ସଚିକାନ୍ତ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ତିହିଡ଼ି ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଯୋଗଦେଇ ଆନ୍ତରିକତାର ସହ ସେବା କାର୍ଯ୍ୟରେ ନିୟୋଜିତ ହେବାକୁ ସଂଘ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ଉପଦେଷ୍ଟା ନିର୍ମଳ ଦଳେଇ, ସାମାଜିକ କର୍ମୀ ଧ୍ରୁବଚରଣ ପାଣିଗ୍ରାହୀ, ଭିନ୍ନକ୍ଷମ ସଂଘର ଯୁବ ସଭାପତି ପ୍ରଭାତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆବାହକ ରାଜୀବ କୁମାର ନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଂଯୋଜକ ଖଗେଶ୍ୱର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକର ୭୦ ଅସହାୟ ଓ ଦିବ୍ୟାଙ୍ଗଙ୍କୁ ସଙ୍ଗଠନର କର୍ମକର୍ତ୍ତା କମ୍ବଳ ବଣ୍ଟନ କରିଥିଲେ। ରାମଚନ୍ଦ୍ର କର, ବିସ୍ମୟ ବିହାରୀ ସାହୁ, ରଶ୍ମିତା ତ୍ରିପାଠୀ, ସେକ୍ ଲିଆକତ୍, ରବିନାରାୟଣ ମିଶ୍ର, ମଧୁସୂଦନ ମିଶ୍ର, ତପନ କୁମାର ହାତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାହିତ୍ୟ ସଂସଦର ବର୍ଷାନ୍ତ ଆସର

**ଭଣ୍ଡାରିପୋଖରୀ, ୩୧।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି କବି ଅଚ୍ୟୁତାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଶାରଦା ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ବର୍ଷାନ୍ତ ଆସରକୁ ପ୍ରଧାନଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ରମ୍ୟଲେଖକ ନାରାୟଣ ଚନ୍ଦ୍ର ସାମଲ, ଅଞ୍ଜଳିର ସମ୍ପାଦକ ପ୍ରକାଶ ମହାପାତ୍ର, କବି ବୃନ୍ଦାବନ ରାଉଳ, ସୁରେନ୍ଦ୍ର ଦାସ, ଅନାଦି ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁଚରଣ ସାହୁ ଓ ପବନ କୁମାର ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କବି ଗୋଲକ ମହାନ୍ତି, ସୁରେଶ ସାମଲ, ବିନୋଦ ବାରିକ, ଅବିନାଶ ଜେନା, ଜଗନ୍ନାଥ ପଣ୍ଡା, ନଟବର ରାଉଳ, ଭରତ ବେହେରା, ପୁରୁଷୋତ୍ତମ ଧଳ, ରମାକାନ୍ତ ବେହେରା, ଭରତ ଚନ୍ଦ୍ର କରଣ, ଶୁଭ୍ରାଂଶୁ ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପବନ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ନିର୍ମଳ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# 'ସ୍ମୃତିକୁ ଉଜ୍ଜୀବିତ କରେ ବନ୍ଧୁମିଳନ'

**ଭଦ୍ରକ ଅଫିସ, ୩୧।୧୨:** ଭଦ୍ରକ ମହାବିଦ୍ୟାଳୟର ୧୯୮୨ ବ୍ୟାଚ୍ ପକ୍ଷରୁ ଚରମ୍ପାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ସହପାଠୀ ଏକାଠି ହୋଇଥିଲେ। ପୁରୁଣା ସ୍ମୃତିକୁ ବନ୍ଧୁମିଳନ ଉଜ୍ଜୀବିତ କରେ ବୋଲି ପରସ୍ପର ଭାବ ଆଦାନ ପ୍ରଦାନ ବେଳେ ମତପ୍ରକାଶ ପାଇଥିଲା। ଅଭିମନ୍ୟୁ ବେହେରା, ଅରୁଣ ଲଖାନୀ, ରମେଶ ବାରିକ, ମନୋରଞ୍ଜନ ଦାସ, ବିଜୟ ଦାସ, ଗଦାଧର ପଣ୍ଡା, ଗୌରାଙ୍ଗ ଜେନା, ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ, କିଶୋର ମହାନ୍ତି, ବଳରାମ ଜେନା, ମୀନତି ପଣ୍ଡା, ସୌଦାମିନୀ ପାଣି, ସେବତୀ ଦ୍ୱିବେଦୀ, ସୂର୍ଯ୍ୟମଣି ପଣ୍ଡା, ଝରଣା ରାଉତ ଏବଂ ମିତା ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।


Best Compliments From.....
Happy New Year 2019





KISHOR KUMAR MOHAPATRA
Chairman, P.N. Group of Industries, Kuansh, Bhadrak, Odisha

ସାଇରାମ **ସ୍ୱୟମ୍ ସମ୍ଭବ୍ ପୃଷ୍ଟି**ର ଉତ୍ତରୋତ୍ତର ଉନ୍ନତି କରନ୍ତୁ। ଆଗାମୀ ନବବର୍ଷ ୨୦୧୯ ତା' ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ, ଏତିକି କାମନା।
ଜେଜେମା ସୁନୀତା ପୃଷ୍ଟି
ଜେଜେବାପା ଲକ୍ଷ୍ମୀଧର ପୃଷ୍ଟି
ଗ୍ରାମ: ବଡ଼ଏକତାଳି, ଥାନା: ଘସିପୁରା, ଜି: କେନ୍ଦୁଝର



ଚାଷୀବନ୍ଧୁ ତଥା ପାଟଣା ଓ କେନ୍ଦୁଝର ଜିଲ୍ଲାର ଅଞ୍ଚଳବାସୀଙ୍କୁ ଇଂରାଜୀ ନବବର୍ଷ ୨୦୧୯ର ହାର୍ଦ୍ଦିକ ଶୁଭକାମନା ଜଣାଉଛି।




ସା: ଗୁଲୁଦିପଶି, ପାଟଣା, ଜି: କେନ୍ଦୁଝର

ହିତାଧିକାରୀ ବନ୍ଧୁମାନଙ୍କୁ ଅନୁରୋଧ, ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ତରଫରୁ ପ୍ରଦତ୍ତ ଜନକଲ୍ୟାଣକାରୀ ସରକାରୀ ଯୋଜନାରୁ ସୁବିଧା ଉପଲବ୍ଧ କରି ସରକାରୀ ଯୋଜନାକୁ ସଫଳ କରାନ୍ତୁ। ନବବର୍ଷ ୨୦୧୯ ଅବସରରେ ପାଟଣା ବ୍ଲକ ଜନସାଧାରଣଙ୍କ ସୁଖ ସମୃଦ୍ଧି କାମନା କରୁଛୁ।





ଜଗନ୍ନାଥ ନାଏକ
ବ୍ଲକ ଅଧ୍ୟକ୍ଷ, ପାଟଣା

କୁଶଳ ଚନ୍ଦ୍ର ନାଏକ
ଗୋଷ୍ଠୀ ଉନ୍ନୟନ ଅଧିକାରୀ
ପାଟଣା ବ୍ଲକ, କେନ୍ଦୁଝର

ପ୍ରଗତି ପଥେ ଭୋଗରାଇ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛଭାରତ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନାରେ ଏକନମ୍ବର ସହ ବିଭିନ୍ନ ସରକାରୀ ଯୋଜନାରେ ଭୋଗରାଇ ଆଗରେ। ଆସନ୍ତୁ ସମସ୍ତେ ମିଳିମିଶି ଭୋଗରାଇ ବିକାଶର ପ୍ରଗତିକୁ ଆଗେଇ ନେବା। ପ୍ରଭୁ ଜଗନ୍ନାଥ ନବବର୍ଷରେ ଭୋଗରାଇବାସୀଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧିର କରୁଣା ଢାଳି ଦିଅନ୍ତୁ ଏହା ହିଁ କାମନା।







ଶ୍ରୀ ଦୀପ୍ତିରଞ୍ଜନ ସେଠୀ
ଗୋଷ୍ଠୀ ଉନ୍ନୟନ ଅଧିକାରୀ

ଶ୍ରୀମତୀ ମଞ୍ଜୁରାଣୀ ବେହେରା
ପଞ୍ଚାୟତ ସମିତି ଅଧ୍ୟକ୍ଷା

ଶ୍ରୀ ଦୀପକ କୁମାର ଦାସ
ପଞ୍ଚାୟତ ସମିତି ଉପାଧ୍ୟକ୍ଷ





ମା' ତାରିଣୀ **ଶାଶ୍ୱତ ରଞ୍ଜନ ସାହୁ ଓ ସ୍ୱାଗତ ରଞ୍ଜନ ସାହୁ**ଙ୍କର ଜୀବନରେ ସୁଖ ସମୃଦ୍ଧି ଭରି ଦିଅନ୍ତି। ନୂତନବର୍ଷ ୨୦୧୯ ତାଙ୍କ ପାଇଁ ମଙ୍ଗଳମୟ ହେଉ, ଏତିକି କାମନା।
ଶାଶ୍ୱତ ରଞ୍ଜନ ସାହୁ
ସ୍ୱାଗତ ରଞ୍ଜନ ସାହୁ
ଜେଜେବାପା ଈଶ୍ୱର ଚନ୍ଦ୍ର ସାହୁ
ଗ୍ରା: ଭୁବନ, ଜି: ଢେଙ୍କାନାଳ

ମା' ତାରିଣୀ **ବିଦଷ କୁମାର ସାହୁ (ରବିନ୍)**ଙ୍କୁ ଆଶୀର୍ବାଦ କରନ୍ତୁ। ତା' ଜୀବନରେ ନୂତନ ବର୍ଷ ୨୦୧୯ ଅନେକ ସୁଖ ସମୃଦ୍ଧି ଆଣିଦେଉ। ତା'ର ସୁସ୍ଥ ଓ ନୀରୋଗ କାମନା କରୁଛୁ।
ଜେଜେମା ଯାତ୍ରୀମଣି ସାହୁ
ଜେଜେବାପା ମହେଶ୍ୱର ସାହୁ
ଗ୍ରା: ଟାଙ୍ଗରପଡ଼ା, ଥାନା: ପାଟଣା, ଜି: କେନ୍ଦୁଝର



ମା' ତାରିଣୀ **ବୃଷାଳୀ ଡି**ର ଉତ୍ତରୋତ୍ତର ଉନ୍ନତି କରନ୍ତୁ। ତା'ର ସୁସ୍ଥ ନିରାମୟ ଜୀବନ କାମନା କରୁଛୁ। ନୂତନବର୍ଷ-୨୦୧୯ ତା' ପାଇଁ ମଙ୍ଗଳମୟ ହେଉ।
ଜେଜେମା ସରୋଜିନୀ ନାୟକ
ଜେଜେବାପା ପତିତପାବନ ନାୟକ
ମା' ଅମ୍ରିତା ସାମଲ
ବାପା ଦୀପକ କୁମାର ନାୟକ
ଗ୍ରା: ବଣିଆପାଟ, ଜି: କେନ୍ଦୁଝର



ମା' ତାରିଣୀ **ସାଇପ୍ରିୟା ନାୟକ**ର ଉତ୍ତରୋତ୍ତର ଉନ୍ନତି କରନ୍ତୁ। ନୂତନ ବର୍ଷ ୨୦୧୯ରେ ତା'ର ନୀରୋଗ କାମନା କରୁଛୁ।
ଜେଜେମା ପଦ୍ମିନୀ ନାୟକ
ଜେଜେବାପା ପବିତ୍ର ମୋହନ ନାୟକ
ଗ୍ରାମ: ଯମୁନାପଶି, ଥାନା: ତୁରୁମୁଙ୍ଗା, ଜି: କେନ୍ଦୁଝର



ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଗୁରୁଜନ, ଭାଇ ଭଉଣୀ ଓ ସାଥୀମାନଙ୍କୁ ନବବର୍ଷର ସଭକ୍ତି ପ୍ରଣାମ ଓ ଶୁଭେଚ୍ଛା ଜଣାଉଛି। ବାବା ଚନ୍ଦନେଶ୍ୱର ଭୋଗରାଇବାସୀଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧିର ଅପାର କରୁଣା ବାରିର ହସ୍ତ ଢାଳି ଦିଅନ୍ତୁ ଏହା ହିଁ କାମନା।



ତପନ କୁମାର ପଣ୍ଡା
ଜିଲ୍ଲା ସାଧାରଣ ସମ୍ପାଦକ (ବିଜେଡି), ତଥା ହୁଗୁଳି ପଞ୍ଚାୟତ ସରପଞ୍ଚ

ନବବର୍ଷରେ ଭୋଗରାଇ ବ୍ଲକର ସମସ୍ତ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ, ଶିକ୍ଷାପ୍ରେମୀ, ଛାତ୍ରୀଛାତ୍ର, ସ୍କୁଲ ପରିଚାଳନା କମିଟିର ସଦସ୍ୟମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଆସନ୍ତୁ ସଭିଏଁ ମିଶି ଶିକ୍ଷାର ବାତାବରଣକୁ ସୁନ୍ଦର ଗଢ଼ି ତୋଳିବା। ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ହେଉ। ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା।



ଶ୍ରୀ ମିହିର କୁମାର ପ୍ରଧାନ
ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଗୋଷ୍ଠୀ ସାଧାନ କେନ୍ଦ୍ର ସଂଯୋଜକ, ଭୋଗରାଇ

ବିଦ୍ୟୁତ୍‌ର ସଦ୍‌ଉପଯୋଗ କରି ନିୟମିତ ବିଦ୍ୟୁତ ବିଲ୍ ପୈଠ କରି ରିହାତି ସୁବିଧା ନିଅନ୍ତୁ। ବିଦ୍ୟୁତ୍ ଚୋରି ବନ୍ଦ କରି ବିଦ୍ୟୁତ୍ କର୍ମଚାରୀଙ୍କ ସହିତ ସହଯୋଗ କରନ୍ତୁ। ନବବର୍ଷ ସମସ୍ତଙ୍କର ମଙ୍ଗଳମୟ ହେଉ ଏହା ହିଁ ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା।



ହରିଶ କୁମାର ପଣ୍ଡା
ସହକାରୀ ଯନ୍ତ୍ରୀ ନେସ୍କୋ, ଜଳେଶ୍ୱର

ଶୌଚାଳୟ ବ୍ୟବହାର କରି ସ୍ୱଚ୍ଛ ଓ ରୋଗମୁକ୍ତ ରୁହନ୍ତୁ।



ଇଞ୍ଜିନିୟର ସୁବୋଧ କୁମାର ମଣ୍ଡଳ
ପାଇଖାନା ଜେ.ଇ., ପାଟଣା ବ୍ଲକ, କେନ୍ଦୁଝର

ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସମସ୍ତ ଜିଲାବାସୀଙ୍କୁ ୨୦୧୯ ନବବର୍ଷର ଅଭିନନ୍ଦନ ଜଣାଇବା ସହ ମା' ତାରିଣୀଙ୍କ ନିକଟରେ ଜିଲାବାସୀଙ୍କ ନୂତନବର୍ଷ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ ଏହା ହିଁ ପ୍ରାର୍ଥନା।



ଶ୍ରୀମତୀ ସୁମିତ୍ରା ମହାନ୍ତ
ଜିଲାପରିଷଦ ସଦସ୍ୟା
କେନ୍ଦୁଝର ଜିଲା ଆଠନମ୍ବର ଜୋନ

ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ପଞ୍ଚାୟତବାସୀଙ୍କୁ ନବବର୍ଷ ୨୦୧୯ର ଶୁଭେଚ୍ଛା ଜଣାଇବା ସହ ସୁଖ ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ମା' ତାରିଣୀ ତାଙ୍କ ଚଳାପଥ କୁସୁମିତ କରନ୍ତୁ। ଏତିକି ମୋର ପ୍ରାର୍ଥନା।



ଚିତ୍ରସେନ ମହାନ୍ତ
କାର୍ଯ୍ୟରତ ପି.ଇ.ଓ
ଢେଙ୍କିକୋଟ ଗ୍ରାମପଞ୍ଚାୟତ

ନବବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଘଟଗାଁ ପାଟଣା ହରିଚନ୍ଦନପୁର ଏବଂ ଦୈତାରୀ ଥାନା ଅଞ୍ଚଳରେ ଥିବା ସମସ୍ତ ଭଉଣୀଭାଇଙ୍କୁ ନବବର୍ଷ ୨୦୧୯ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ନବବର୍ଷ ଆପଣଙ୍କ ମନରେ ଭରି ଦେଉ ନୂତନ ଆନନ୍ଦ ଉଲ୍ଲାସ। ମା' ତାରିଣୀ ଆପଣଙ୍କୁ ସହାୟକ ହୁଅନ୍ତୁ ନୂତନ ଚିନ୍ତାଧାରା ନେଇ କର୍ମମୟ ଜୀବନର ଚଲାପଥ କୁସୁମିତ କରନ୍ତୁ।



ସିଲଭରିୟସ ଟୋପ
ଏସ.ଡି.ପି.ଓ., ଘଟଗାଁ ପୋଲିସ ସର୍କଲ



## ସଂକ୍ଷେପରେ

### ଜଳସେଚନ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର

**ବସ୍ତା, ୩୧।୧୨(ସ୍ୱ.ପ୍ର.):** ବସ୍ତା ବ୍ଲକ ଅନ୍ତର୍ଗତ ଜଳକା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦୀର୍ଘଦିନ ଧରି ଅକାମୀ ହେବା ଯୋଗୁ ଚାଷୀମାନେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ଆନିକଟର କବାଟ ନଷ୍ଟ ହୋଇଯିବାରୁ ଦୀର୍ଘଦିନ ଧରି ଅକାମୀ ହୋଇପଡ଼ିଛି। ବିଗତ ବର୍ଷରେ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ରବି ଫସଲ କରିବାରେ ବଞ୍ଚିତ ହୋଇଆସୁଥିଲେ। ଚଳିତବର୍ଷ ଆନିକଟରେ ନୂତନ କବାଟ ଲଗାଯାଇ କେନାଲ ମଧ ସଫା କରାଯାଇଛି। ବିଭାଗ ପକ୍ଷରୁ କେନାଲ ମାଧମରେ ପାଣି ଯୋଗାଇବା ଆଶ୍ୱାସନା ଦିଆଯାଇଥିଲା, କିନ୍ତୁ ଅଦ୍ୟାବଧି ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଇନାହିଁ। ଫଳରେ ଶତାଧିକ ଚାଷୀ ନିର୍ବାହୀଯନ୍ତ୍ରୀଙ୍କୁ କେନାଲ ପୁନର୍କ୍ଷମ କରାଇବା ଲାଗି ଦାବିପତ୍ର ଦେଇଛନ୍ତି।

### ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ

**ସୋର, ୩୧।୧୨(ଡି.ଏନ.ଏ.):** ସୋର ବ୍ଲକ ବାଗୁଡି ଜବାହର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବିଦ୍ୟାଳୟ ଅଧକ୍ଷା ଆରତୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ କେସି ସନ୍ମୁଗମ୍, ସମ୍ମାନନୀୟ ଅତିଥି ଭାବେ ଆଲୁମିନି ସଭାପତି ଡ. ଅରୁଣ କୁମାର ମଲ୍ଲିକ, ବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସୋର ବିଡିଓ ଚାର୍ଲସ ନାୟକ, ଉପସଭାପତି ସମର ବଲ୍ଲଭ ପଣ୍ଡା ପ୍ରମୁଖ ସଫଳତା ପାଇଁ ଅଧବସାୟର ବିକଳ୍ପ ନାହିଁ ବୋଲି କହିଥିଲେ। ସଂସଦ ସମ୍ପାଦକ ଉପ ନିର୍ବାହୀଯନ୍ତ୍ରୀ ମାନସ ରଞ୍ଜନ ମଣ୍ଡଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଏବଂ ପ୍ରାକ୍ତନ ଛାତ୍ର ଡ. ଗୌରାଙ୍ଗ ସିଂ ଧନ୍ୟବାଦ ଦେଇଥିଲେ। ଛାତ୍ର ସଂସଦର ସମସ୍ତ ପୁରାତନ ଛାତ୍ରୀଛାତ୍ର, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

### ସୋର ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ସୋର, ୩୧।୧୨(ଡ଼ି.ଏନ୍.ଏ.):** ସୋର ସବ୍ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୋହରିର ସଂଘ ତରଫରୁ ଧାରଣା ଅନୁଷ୍ଠିତ ହୋଇଥିଲା। ଇ-ଷ୍ଟାମ୍ପିଙ୍ଗ୍ ଓ ଅନ୍‌ଲାଇନ୍ ଜମି ରେଜିଷ୍ଟ୍ରେଶନ୍ ସରକାରୀ ନିଷ୍ପତ୍ତି ବିରୋଧରେ ଏହି ଧାରଣା ଦିଆଯାଇଥିଲା । ରାଜ୍ୟ ସଂଘ ନିଷ୍ପତ୍ତିକ୍ରମେ ସୋର ସଂଘ ତରଫରୁ ସଂପୂର୍ଣ୍ଣ କଲମ ଛାଡ କରାଯାଇ କାର୍ଯ୍ୟବନ୍ଦ କରାଯାଇଥିଲା।



ପଞ୍ଚଲିଙ୍ଗେଶ୍ୱର ପୀଠରେ ପର୍ଯ୍ୟଟକଙ୍କ ଭିଡ଼।

# ନୂଆବର୍ଷକୁ ସ୍ୱାଗତ ଲାଗି ନୀଳଗିରି ଚଳଚଞ୍ଚଳ

**ନୀଳଗିରି/ ସଜନାଗଡ, ୩୧।୧୨(ଡି.ଏନ.ଏ.)**

## ବିଭିନ୍ନ ହୋଟେଲରେ ଜିରୋ ନାଇଟ୍ ସେଲିବ୍ରେଶନ୍ ପାଇଁ ପ୍ରସ୍ତୁତି

ଆଜି ବିଦାୟ ନେବ ୨୦୧୮। ଏହା ବର୍ଷର ଶେଷ ସୋମବାର ହୋଇଥିବାରୁ ବାଲେଶ୍ୱର ଜିଲା ନୀଳଗିରି ବ୍ଲକରରେ ଥିବା ପଞ୍ଚଲିଙ୍ଗେଶ୍ୱର ଓ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆରମ୍ଭ ହୋଇଯାଇଛି। ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର, ତୃତୀୟ ଶ୍ରୀକ୍ଷେତ୍ର ରୂପେ ପରିଚିତ ନୀଳଗିରିର ଜଗନ୍ନାଥ ମନ୍ଦିର ଓ ସଜନାଗଡର ମା' ଭୂଧାରଚଣ୍ଡୀଙ୍କୁ ବର୍ଷ ଆରମ୍ଭରୁ ଦର୍ଶନ କଲେ ବର୍ଷତମାମ ସୁଖ ମିଳିଥାଏ ବୋଲି ବିଶ୍ୱାସ ରହିଛି। ନୂଆବର୍ଷରେ ୫୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ନେଇ ସମଗ୍ର ନୀଳଗିରି ଅଞ୍ଚଳ ସହ ପଞ୍ଚଲିଙ୍ଗେଶ୍ୱର ପୀଠ ଚଳଚଞ୍ଚଳ ହୋଇପଡିଛି। ଏହାବ୍ୟତୀତ ପଞ୍ଚଲିଙ୍ଗେଶ୍ୱରର ବିଭିନ୍ନ ହୋଟେଲରେ ସେଲିବ୍ରେଶନ୍ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯିବା ସହ ରଙ୍ଗବେରଙ୍ଗ ଆଲୋକରେ ସଜାଯାଇଛି। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସହିତ ବଙ୍ଗୀୟ ପର୍ଯ୍ୟଟକମାନେ ମଧ ଆସି ପଞ୍ଚଲିଙ୍ଗେଶ୍ୱରର ସମସ୍ତ ହୋଟେଲରେ ରହିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଶୈବପୀଠ, ପାର୍କ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରେ ପୋଲିସର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ପାଇଁ ୧ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ପରିବେଶ ସୁରକ୍ଷା ପାଇଁ ପଞ୍ଚଲିଙ୍ଗେଶ୍ୱରର ଟ୍ରଷ୍ଟବୋର୍ଡ ପକ୍ଷରୁ ପ୍ଲାଷ୍ଟିକ୍‌ମୁକ୍ତ କରାଯାଇଛି। ପୀଠରୁ ୨ କି.ମି. ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଯାଇଛି। ମନ୍ଦିରଠାରୁ କିଛି ଦୂରରେ ପିକ୍‌ନିକ୍ କରିବାର ସୁବ୍ୟବସ୍ଥା କରାଯାଇଛି।

## ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍‌ର ଶୁଭାରମ୍ଭ

**ରେମୁଣା, ୩୧।୧୨(ଡି.ଏନ.ଏ.)**

ରେମଣା ବ୍ଲକ ମନ୍ଦିରଛକ ନିକଟ ହନୁମାନ କଲ୍ୟାଣ ମଣ୍ଡପଠାରେ ଉଜ୍ଜ୍ୱଳା ଯୋଜନାରେ 'ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍'ର ପ୍ରସ୍ତୁତି ଓ ବିତରଣର ଶୁଭାରମ୍ଭ କରାଯାଇଛି। ବିଭିନ୍ନ ତୈଳବିତରଣ କମ୍ପାନୀଙ୍କ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଜନସେବା କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାଙ୍କୁ ସୁସ୍ଥ, ସଶକ୍ତ ଏବଂ ସ୍ୱାବଲମ୍ବୀ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସ ମାଧମରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେମୁଣାରେ ହୋଇଥିବା କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି, ଜିଲାପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ଜନସେବା ଅଧିକାରୀ ଦେବପ୍ରସାଦ ମହାନ୍ତି, ନାପକିନ ପ୍ରସ୍ତୁତ ସଂସ୍ଥାର ଦେବାଶିଷ ମିଶ୍ର ପ୍ରମୁଖ ମହିଳାଙ୍କ ସ୍ୱାସ୍ଥ୍ୟର ଯତ୍ନ ଏବଂ ପାରିପାର୍ଶ୍ୱିକ ସ୍ୱଚ୍ଛତା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସୋମନାଥ ମହାନ୍ତି ଓ ତାପସ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ।

**ବାଲେଶ୍ୱର ଅଫିସ୍, ୩୧।୧୨**

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏହାର ଶୁଭାରମ୍ଭ କରିବା ସହିତ ସ୍ୱଚ୍ଛ ଭାରତ ଅଭିଯାନକୁ ସବୁ ସ୍ତରରେ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ୨୦୧୮ ମସିହାକୁ ବିଦାୟ ଏବଂ ୨୦୧୯ ନୂତନ ବର୍ଷକୁ ସ୍ୱାଗତ ଜଣାଇବା ପରିପ୍ରେକ୍ଷୀରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ବେଶ୍ ଗୁରୁତ୍ୱ ବହନ କରିଥିଲା। ଏହି କାର୍ଯ୍ୟାଳୟ ପରିସରରେ ଥିବା ପୋଖରୀକୁ ସଫା କରାଯିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଜିଲାପାଳ କହିଥିଲେ। ଅଫିସରେ କାର୍ଯ୍ୟରତ ୧ଶହରୁ ଉର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ, ଏନଡିଆରଏଫ ଇନ୍ସପେକ୍ଟର ଓ ଯବାନମାନେ ଏଥିରେ ଯୋଗଦେଇ କାର୍ଯ୍ୟାଳୟ ପରିସର ବିଭିନ୍ନ ଅଞ୍ଚଳରେ ସଫେଇ କରିଥିଲେ। ଆଇସିଆଇସିଆଇ ବ୍ୟାଙ୍କ, ବାଲେଶ୍ୱର ଶାଖା ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଆସିଷ୍ଟାଣ୍ଟ କଲେକ୍ଟର ମନୋଜ କୁମାର ସେନାପତି, ଏନଡିଆରଏଫ ଇନ୍ସପେକ୍ଟର ୟୁ.ଏସ. ପ୍ରସାଦ, ଆଇସିଆଇସିଆଇ ବ୍ୟାଙ୍କ ଅଧିକାରୀ ସୁଜିତ ପରମାଣିକଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ■ ବର୍ଷର ଶେଷ ମିଳିତ ଅଭିଯୋଗ ଶୁଣାଣି

# ୧୨୪ ଅଭିଯୋଗର ତତ୍କାଳ ସମାଧାନ

**ବାଲେଶ୍ୱର ଅଫିସ୍, ୩୧।୧୨**

ବାଲେଶ୍ୱର ଜିଲାପାଳଙ୍କ ଅଫିସରେ ବର୍ଷର ଶେଷ ମିଳିତ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୫୩ ଅଭିଯୋଗର ଆବେଦନ କରାଯାଇଥିଲା। ସେଥିମଧ୍ୟରୁ ୧୨୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ୧୮ଟି ଗୋଷ୍ଠୀଗତ ସମସ୍ୟାର ସମାଧାନ କରାଯାଇଥିବା ଜଣାପଡିଛି। ଚିକିତ୍ସା ନିମନ୍ତେ ୧୧ ଜଣ ଅସହାୟଙ୍କୁ ୧ ଲକ୍ଷ ୨୦ହଜାର ଟଙ୍କା ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜିଲାପାଳ ପ୍ରଦାନ କରିଛନ୍ତି। ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି ଡିଆରଡିଏ) ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ବନ୍ଧିତ ସମସ୍ୟାଗୁଡିକର ସମାଧାନ କରିଥିଲେ।



ଜିଲାପାଳ ଅଫିସରେ ଅଭିଯୋଗ ଶୁଣାଣି ଶିବିର।

## ବନ୍ଧୁମିଳନ

**ଖଇରା, ୩୧।୧୨(ଡି.ଏନ.ଏ.)**

ସ୍ଥାନୀୟ ଅନ୍ତରା ମହତୀପୁର ନୋଡାଲ ଉଚ୍ଚବିଦ୍ୟାଳୟର ୧୯୯୯ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ସାହୁ ସଭାପତିତ୍ୱ କରିଥିଲେ। ଦୀର୍ଘଦିନ ବ୍ୟବଧାନ ପରେ ବନ୍ଧୁମାନେ ଏକାଠି ହୋଇ ପୂର୍ବ ସ୍ମୃତିକୁ ମନେପକାଇ ଭାବର ଆଦାନ ପ୍ରଦାନ କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ପଲେଇ, କୃଷ୍ଣଚନ୍ଦ୍ର ଖିଲାର, ସୁରେନ୍ଦ୍ର ବିଶ୍ୱାଳ, ଗୋପାଳ ଚନ୍ଦ୍ର ଲେଙ୍କା, ନିରଞ୍ଜନ ନାୟକ, ଅନନ୍ତ କିଶୋର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ଛାତ୍ର ପ୍ରହଲ୍ଲାଦ ସାମଲ, ବିମଳ ବିଶ୍ୱାଳ, ପ୍ରଭୁକଲ୍ୟାଣ ଦାସ, ବଳରାମ ପଣ୍ଡା ଓ ତାପସ ରଞ୍ଜନ ବିଶ୍ୱାଳ ସଭା ପରିଚାଳନା କରିଥିଲେ।



ଜିଲାପାଳ ଜ୍ଞାନରଞ୍ଜନ ଦାସ ହୋଟେଲକୁ ଉଦ୍‌ଘାଟନ କରୁଛନ୍ତି।

## ହୋଟେଲ 'ରୟାଲ ପ୍ୟାଲେସ' ଉଦ୍‌ଘାଟିତ

**ଆରଡି, ୩୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡି ନିକଟରେ ହୋଟେଲ 'ରୟାଲ ପ୍ୟାଲେସ' ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ଅମରଜ୍ୟୋତି ନାୟକ ଶୈବପୀଠ ଆରଡିକୁ ଆସୁଥିବା ଭକ୍ତଙ୍କ ଖାଦ୍ୟପେୟ ଓ ରହଣି ସୁବିଧା ଲାଗି ହୋଟେଲ ପ୍ରତିଷ୍ଠା କରିବା ବଳିଷ୍ଠ ପଦକ୍ଷେପ ବୋଲି ଜିଲାପାଳ କହିଥିଲେ। ଆରଡ଼ି, ସୁନ୍ଦରପୁର, ଓଲଗ, ନାନ୍ଦପୁର, ପାଳସାହି, ରଇପୁର, ଶ୍ୟାମସୁନ୍ଦରପୁର ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ପୋଖରୀରେ ବୁଡ଼ି ନାବାଳିକା ମୃତ

**ରୂପ୍‌ସା, ୩୧।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଜାମୁନିଆ ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ଜଣେ ନାବାଳିକା ପ୍ରାଣ ହରାଇଛନ୍ତି। ମୃତ ନାବାଳିକା ହେଲେ ଶିକ୍ଷକ ହରେନ୍ଦ୍ର ସିଂଙ୍କ ସାନ ଝିଅ ଶୁଭଶ୍ରୀ(୧୨)। ଶୁଭଶ୍ରୀ ଗାଁ ପୋଖରୀରେ ଗାଧୋଇବା ବେଳେ ଅସାବଧାନତାବଶତଃ ପାଣିରେ ବୁଡ଼ିଯାଇଥିଲେ। ପାଣିରେ ଭାସୁଥିବା ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁଭଶ୍ରୀ ପଞ୍ଚମ ଶ୍ରେଣୀରେ ପଢୁଥିଲେ।

## ପୂର୍ବାଶାର ମଧ୍ୟରାତ୍ର ସାହିତ୍ୟ ଆସର

**ବାହାନଗା, ୩୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଆପିତ୍ରାସ୍ଥିତ ପୂର୍ବାଶା ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ଜେନିଥ୍ ଷ୍ଟଡିସେଣ୍ଟର ପରିସରରେ ମଧ୍ୟରାତ୍ର ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ସଭାପତି ଶଙ୍କର୍ଷଣ ଶିଅଳଙ୍କ ସଭାପତିତ୍ୱରେ ଆସର ଅନୁଷ୍ଠିତ ହୋଇଥିଲା। ଆସର ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରୁଣା ବର୍ଷର ବ୍ୟଥା ଓ ବେଦନାକୁ ଭୁଲି ନବବର୍ଷକୁ ସ୍ୱାଗତ ଶୀର୍ଷକ ଆଲୋଚନା କରାଯାଇ ଥିଲା। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଅଭୟ କୁମାର ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ କରୁଣା କର ଶଙ୍ଖୁଆ, ରମଣୀକାନ୍ତ ମିଶ୍ର, ମହେନ୍ଦ୍ର ଶିଅଳ, ଶଙ୍କର୍ଷଣ ଜେନା, କୌଳାସ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ବେହେରା ଓ ଯୋଗେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଧରଣୀଧର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। କବିତା ପାଠୋତ୍ସବରେ ସୁରେଶ ଚନ୍ଦ୍ର ବେହେରା ଓ ରମଣୀକାନ୍ତ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଜ୍ୟୋତିସ୍ମିତା ଶିଅଳ ଧନ୍ୟବାଦ ଦେଇଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି।

### ■ କାଙ୍ଗାଳି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

# ନୀଳଗିରି ରୋଡ୍ କ୍ଲବ ଚାମ୍ପିୟନ

**ରେମୁଣା, ୩୧।୧୨(ଡ଼ି.ଏନ.ଏ.)**

ବଜରଙ୍ଗ ୟୁଥ୍ କ୍ଲବ ଆନୁକୁଲ୍ୟରେ କାଙ୍ଗାଳି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ହାଜିପୁର ହାଟ ପଡ଼ିଆ ସେରଗଡ଼ଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲା। ଫାଇନାଲ୍ ମ୍ୟାଚ ନୀଳଗିରି ରୋଡ଼ କ୍ଲବ ଓ ଏମ୍.ବି. କଳିଙ୍ଗ ମଧ୍ୟରେ ହୋଇଥିଲା। ନୀଳଗିରି ରୋଡ଼ କ୍ଲବ ଏମ୍.ବି. କଳିଙ୍ଗକୁ ୧-୦ ଗୋଲରେ ପରାସ୍ତ କରି ବିଜୟ ହୋଇଛି। ଶୀତୁଆ ଅପରାହ୍ନରେ ଶତାଧିକ ଦର୍ଶକ ଖେଳକୁ ମନ ଭରି ଉପଭୋଗ କରିଥିଲେ। ରେଫେରି ଭାବେ ଜିତେନ୍ଦ୍ର ନାଥ ବାରିକ୍ ଓ ଲାଇନସ ମ୍ୟାନ୍ ବିଶ୍ୱନାଥ ପ୍ରଧାନ ଓ ସୁରେନ୍ଦ୍ର ଜେନା ଖେଳକୁ ପରିଚାଳନା କରିଥିଲେ। ବୃନ୍ଦାବନ ନାୟକଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ସୁଧାଂଶୁ ଶେଖର ପରିଡ଼ା ଓ ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ବିଦ୍ୟୁବେନ୍ଦୁ ପାତ୍ର ଯୋଗ ଦେଇ ଖେଳାଳୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରତିକାନ୍ତ ପ୍ରଧାନ ବିରେନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ମୁଦୁଲି, ସୁବାସ୍ ଚନ୍ଦ୍ର ପରିଡ଼ା, ଧରଣୀଧର ନାୟକ, ସଞ୍ଜୟ କୁମାର ଷଡ଼ଙ୍ଗୀ, ସୁଜିତ୍ ପୁଟି, ବୈଦ୍ୟନାଥ ବାରିକ୍ ବାରକ, କରୁଣାକର ବାରିକ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟରେ ଭାଗନେଇଥିବା ଖେଳାଳି।

### ■ ଜୟମା' ଦୁର୍ଗା କ୍ରିକେଟ୍ ଟୁର୍ନାମେଣ୍ଟ

# ଜେଡି କ୍ଲବ୍ ଚାମ୍ପିୟନ

**ଖଇରା, ୩୧।୧୨(ଡି.ଏନ.ଏ.)**

ଖଇରା ବ୍ଲକ୍ ଡଗରପଡା ପଞ୍ଚାୟତ ଅଧୀନ ଦୀଘିତେନ୍ତୁଳି ଗ୍ରାମ ପଡିଆରେ ଚାଲିଥିବା ଜୟମା' ଦୁର୍ଗା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ହରିଚନ୍ଦନପୁରର ଜେଡି କ୍ଲବ ଓ ସୋର ୟଙ୍ଗ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ହରିଚନ୍ଦନପୁର ସୋରକୁ ୪୧ ରନରେ ପରାସ୍ତ କରିଛି। ପୁରସ୍କାର ବିତରଣ ଉତ୍ସବରେ ଅଭିମନ୍ୟୁ ସେଠୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ନରେନ୍ଦ୍ର ସେଠୀ ବିବରଣୀ ପାଠ କରିଥିଲେ। ଯାତ୍ରା ଖଳନାୟକ ଦାମୋଦର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରତିକାନ୍ତ ତ୍ରିପାଠୀ ଓ ଦୟାନିଧି ରାଉତ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଜୟମା ଦୁର୍ଗା କ୍ଲବ୍‌ର ସଦସ୍ୟ ଶଶିକାନ୍ତ ରାଉତ, ହିମାଂଶୁ, ବିଜୟ, ଶଙ୍କର୍ଷଣ, ଅମର, ଦୟା, ଚିରଞ୍ଜୀବୀ, ଅଜୟ, କୁଲୁ, ଦୈତାରୀ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ମା' ଶିରାଦେବୀ ଟୁର୍ନାମେଣ୍ଟ

# ଖଇରା, ଔପଦା ବିଜୟୀ

**ଖଇରା, ୩୧।୧୨(ଡି.ଏନ.ଏ.)**

ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ଶ୍ରୀରାମପୁର ଖେଳପଡିଆରେ ଚାଲିଥିବା ଶିରାଦେବୀ କ୍ରିକେଟ୍ ଟୁର୍ନାମେଣ୍ଟର ୨ଟି ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଖଇରା ବ୍ଲକ ଡାଇମଣ୍ଡ ସୋର ୟୁଏନ ଟିମକୁ ୭ ଉଇକେଟ୍‌ରେ ପରାସ୍ତ କରିଥିଲା। ସେହିଭଳି ୨ୟ ମ୍ୟାଚରେ ଔପଦାର ଇଏନ ଇଲେଭନ ଖନ୍ତାପଡାର ମା' ତାରିଣୀ ଟିମକୁ ୬ ଉଇକେଟରେ ପରାସ୍ତ କରିଥିଲା। ରାଜେନ୍ଦ୍ର ସେଠୀ, ଜୟପ୍ରକାଶ ରାଉଳ, ତାପସ ମୁଦୁଲି, ମୁକୁନ୍ଦ ସାହୁ, ରତିକାନ୍ତ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## 'ଗାନ୍ଧିଜୀଙ୍କ ପାଦସ୍ପର୍ଶରେ ତ୍ୟାଗଭୂମି ମହିମାନ୍ୱିତ'

**ଭଦ୍ରକ ଅଫିସ, ୩୧।୧୨**

ମହାତ୍ମା ଗାନ୍ଧୀ ଓଡ଼ିଶାକୁ ସାତଥର ଆସିଥିଲେ। ସେଥିମଧ୍ୟରୁ ଭଦ୍ରକକୁ ଆସିଥିଲେ ଚାରିଥର। ଭଦ୍ରକରେ ଗାନ୍ଧିଜୀଙ୍କ ପାଦସ୍ପର୍ଶ ଓ ଇରମ–ଲୁଣିଆର ଲୁହଭିଜା ସ୍ମୃତି ଏ ମାଟିକୁ ତ୍ୟାଗଭୂମି ରୂପେ ମହିମାନ୍ୱିତ କରିଛି ବୋଲି ତ୍ୟାଗଭୂମି ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ 'ତ୍ୟାଗଭୂମିରେ ଗାନ୍ଧୀ ଓ ଗାନ୍ଧୀବାଦ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇଏଏସ୍ ତଥା କଥାକାର ବିଜୟ ନାୟକ, ମୁଖ୍ୟବକ୍ତା ଭାବେ କଥାଶିଳ୍ପୀ ଦାଶ ବେନ୍‌ହୁର, ଅନ୍ୟତମ ବକ୍ତା ଭାବେ ଗବେଷକ ଡ. ମହମ୍ମଦ ଆୟୁବ ଯୋଗ ଦେଇଥିଲେ। ପ୍ରଫେସର ରାଜକିଶୋର ସାହୁ ଅତିଥି ପରିଚୟ ପ୍ରଦାନ, ଡ. ପ୍ରଦୀପ୍ତ କୁମାର ରାୟ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସଭାପତି ଅଜୟ ନାୟକଙ୍କ ପକ୍ଷରୁ ଅତିଥିଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁସ୍ତାକ୍ ଗହ୍ୱରଙ୍କ ସଞ୍ଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶିଳ୍ପିକା ନୃତ୍ୟାନୁଷ୍ଠାନ ପକ୍ଷରୁ ଓଡ଼ିଶୀ ଫ୍ୟୁଜନ୍ ନୃତ୍ୟ ପରିବେଷଣ କରାଯାଇଥିଲା।

## ସ୍ୱଚ୍ଛଭାରତ ମିଶନ ସଚେତନତା

**ଚାନ୍ଦବାଲି, ୩୧।୧୨(ଡି.ଏନ.ଏ.):** ଚାନ୍ଦବାଲିକୁ ସମ୍ପୂର୍ଣ୍ଣ ବାହ୍ୟମଳମୁକ୍ତ ସହର ଘୋଷଣା ପରିପ୍ରେକ୍ଷୀରେ ସୋମବାର ଏନ୍‌ଏସି ପକ୍ଷରୁ ସ୍ୱଚ୍ଛଭାରତ ମିଶନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଜୁ ସ୍ମୃତିଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାଶ ପରିଚାଳନା କରିଥିଲେ। ଶତାଧିକ ମହିଳା ଯୋଗଦେଇ ପରାମର୍ଶ ଗ୍ରହଣ କରିଥିଲେ। ସହକାରୀ ଯନ୍ତ୍ରୀ ଜ୍ଞାନେନ୍ଦ୍ର ରାଉତ ଶୌଚାଳୟ ନିର୍ମାଣ ଓ ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ସୌମ୍ୟରଞ୍ଜନ ଜେନା, ଏସ୍.କେ. ମଜହୁଲ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

**ଘସିପୁରା,୩୧।୧୨:** ଘସିପୁରା ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରପଦା ଛକରେ ସୋମବାର ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୟୂରଭଞ୍ଜ ଜିଲା ମହୁଲଡ଼ିହା ଗ୍ରାମର ମଧୁ ଦିଗି (୨୯) ଓ ତାଙ୍କର ସ୍ତ୍ରୀ ସଞ୍ଜୁ (୨୭)। ଉଭୟ ଏକ ବାଇକ୍‌ରେ ମହୁଲଡ଼ିହାରୁ ଭୁବନେଶ୍ୱର ଯାଉଥିବା ବେଳେ ୨୦ନଂ ଜାତୀୟ ରାଜପଥର ବରପଦାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉଭୟଙ୍କୁ ପ୍ରଥମେ ବରପଦା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ଆନନ୍ଦପୁର ମେଡ଼ିକାଲକୁ ଅଣାଯାଇଥିଲା। ସଞ୍ଜୁଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

## ପାଟଣାରେ ବୁଲିଲା 'ଜବାବ ମାଗୁଛି ଓଡ଼ିଶା ରଥ'

**ପାଟଣା, ୩୧।୧୨(ସ୍ୱ.ପ୍ର.):** ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରେ ଭାଜପା ପକ୍ଷରୁ 'ଜବାବ ମାଗୁଛି ଓଡ଼ିଶା ରଥ' ପରିକ୍ରମା କରୁଛି। ଆଗାମୀ ଦେଢ଼ ମାସ ଧରି ରଥ ପରିକ୍ରମା କରିବ ବୋଲି ଭଜାପା ଯୁବମୋର୍ଚ୍ଚା ଜିଲା ସଭାପତି ହେମରଞ୍ଜନ ବାରିକ କହିଛନ୍ତି। ଭାଜପା ଯୁବମୋର୍ଚ୍ଚାର ସଭ୍ୟମାନେ ଗାଁରେ ବୁଲି ସର୍ଭର ମାଧମରେ ଲୋକଙ୍କ ଅଭିଯୋଗକୁ ରେକର୍ଡ଼ କରୁଛନ୍ତି।
ଜିଲା ଭଜାପା ଯୁବମୋର୍ଚ୍ଚା ସଭାପତି ହେମରଞ୍ଜନ ବାରିକଙ୍କ ନେତୃତ୍ୱରେ ଭଜାପା ପୂର୍ବତନ ଜିଲା ପରିଷଦ ସଭାପତି ମମିତା ନାଏକ, ସୁରେଶ ମହାନ୍ତ, ଆଶ୍ୱିନୀ ମହାନ୍ତ, ସବୀର ଦାଶ, ସଞ୍ଜୟ ପଲେଇ, ସୋମବାରୀ ମୁଣ୍ଡା, ରଞ୍ଜନ ମହାନ୍ତ ଓ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଏହି ରଥ ନିର୍ବାଚନମଣ୍ଡଳୀର ପାଟଣା, ସାହାରପଡ଼ା, ଝୁମ୍ପୁରା ଓ ଚମ୍ପୁଆ ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରୁଛି।

## ଚୋରି ଟ୍ରକ୍ ଚମ୍ପୁଆରୁ ଜବତ



**ଚମ୍ପୁଆ, ୩୧।୧୨(ଡି.ଏନ.ଏ.):** ଟାଟା ଅଞ୍ଚଳରୁ ଚୋରି ହୋଇଥିବା ଏକ ଟ୍ରକ୍‌କୁ ସୋମବାର ସୀମାନ୍ତ ଜୟନ୍ତିଗଡ଼ରୁ ଚମ୍ପୁଆ ପୋଲିସ ଜବତ କରିଛି। ଭୋର ୪ଟା ବେଳେ ବାସୁଦେବପୁର ସୁନାରି ଦରା ଅଞ୍ଚଳରେ ଥିବା ଏକ ସିମେଣ୍ଟ କରଖାନା ନିକଟରେ ୧୨ ଚକିଆ ଟ୍ରକ୍ ନଂଜେଏଚ୦୫ଏଜେ ୬୮୯୮ ରହିଥିଲା। ଡ୍ରାଇଭରର ଅନୁପସ୍ଥିତିରୁ ଚୋରମାନେ ଟ୍ରକ୍‌କୁ ଚୋରି କରି ନେଇଥିଲେ। ଟ୍ରକ୍ ମାଲିକ ଦିଦାର ସିଂ ଟ୍ରକ୍‌କୁ ନ ପାଇ ଜିପିଏସ ମଧମରେ ଟ୍ରାକିଂ କରିବାରୁ ଟ୍ରକ୍‌ଟି ସୁନ୍ଦରନଗର ଖଲସା ଢାବା ନିକଟରେ ଥିବା ଜାଣିବାକୁ ପାଇଥିଲେ। ସକାଳ ୬ଟା ୩୦ ମିନିଟରେ ଟ୍ରକ୍ କାଲିବନ୍ଦିର ଚାଇବସା ଆଡକୁ ଯାଉଥିଲା। ଏ ନେଇ ଟ୍ରକ୍ ମାଲିକ ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ ସୁମିତ କୁମାର ସୋରେନ ସିମାନ୍ତ ଜୟନ୍ତିଗଡ ପୋଲ ପାଖରେ ନାକାବନ୍ଦି କରିଥିଲେ। କୋଣସି ସୁତ୍ରରୁ ଖବର ପାଇ ନାକାବନ୍ଦିର ଅନତି ଦୂରରେ ଚୋରମାନେ ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। ଚମ୍ପୁଆ ପୋଲିସ ଗାଡିକୁ ଜବତ କରିଥିବା ଜଣାପଡିଛି।

# ଘାଟି ଜଗିଛନ୍ତି ମା'

**କେନ୍ଦୁଝର, ୩୧।୧୨(ସ୍ୱ.ପ୍ର.)**

- ଘେରି ରହିଛି ଜଙ୍ଗଲ, ପାହାଡ଼
- ସୁରକ୍ଷିତ ଯାତାୟାତ ପାଇଁ କରନ୍ତି ପ୍ରାର୍ଥନା

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାର ଆନନ୍ଦପୁର-କରିଆ ରାସ୍ତାରେ ଗୋଡଭଙ୍ଗା ଘାଟି ରାସ୍ତାରେ ମା' ଭଣ୍ଡାରଶୁଣୀ ଦେବୀ ରହିଛନ୍ତି। ଘାଟିରେ ସୁରକ୍ଷିତ ଯାତାୟାତ ପାଇଁ ଭକ୍ତ କିଛି ସମୟ ସେଠାରେ ଓହ୍ଲାଇ ମା'ଙ୍କ ଆଶୀଷ ନେଇ ଯାଇଥାନ୍ତି। ବଣଜଙ୍ଗଲ ଓ ପାହାଡ଼ ଘେର ସ୍ଥାନଟି ଅତ୍ୟନ୍ତ ରୋମଣୀୟ। ସେଠାରେ ରହିଛି ଔଷଧୀୟ ଜଙ୍ଗଲ। ଶିମିଳିପାଳ ଅଭୟାରଣ୍ୟକୁ ଲାଗିଛି ଘାଟି ଜଙ୍ଗଲ। ଘାଟିର ଅଙ୍କାବଙ୍କା ରାସ୍ତାରେ ଯିବା ବେଳେ ପର୍ଯ୍ୟଟକ ଏକ ଭିନ୍ନ ରୋମାଞ୍ଚକର ଅନୁଭବ କରିଥାନ୍ତି। ଦୁର୍ଘଟଣାର ଆଶଙ୍କା ଥିବା ବେଳେ ବନ୍ୟପ୍ରାଣୀ ଭୟ ରହିଥାଏ। ମା'ଙ୍କ ଆଶୀଷ ଯୋଗୁଁ ସେଭଳି ଅଘଟଣ ଘଟୁ ନ ଥିବାରୁ ଲୋକଙ୍କ ଅଗାଢ ବିଶ୍ୱାସ ରହିଛି।



ଗୋଡଭଙ୍ଗା ଘାଟି ରାସ୍ତାରେ ମା' ଭଣ୍ଡାରଶୁଣୀ ଦେବୀଙ୍କ ମନ୍ଦିର।

ଜଙ୍ଗଲରେ ବହୁ ପରିମାଣରେ ମହୁ ଭଣ୍ଡାର ଅର୍ଥାତ ମହୁଫେଣା ରହିଥିଲା। ବନ ଦେବୀଙ୍କ ନାମ ଭଣ୍ଡାରଶୁଣୀ ବୋଲି ରଖାଯାଇଥିବା ପୂଜକ ବିଦ୍ୟାଧର ଦେହୁରି କହିଛନ୍ତି। କାର୍ତ୍ତିକ ପୂର୍ଣ୍ଣିମାରେ ଭକ୍ତଙ୍କ ପ୍ରବଳ ଭିଡ ହୋଇଥାଏ। ଲୋକେ ମାନସିକ ମୁତାବକ ଫଳ ପାଇଥାନ୍ତି। ଗୋଡଭଙ୍ଗା ଗ୍ରାମ ନିକଟରେ ଥିବାରୁ ଉକ୍ତ ଘାଟିର ନାମ ଗୋଡଭଙ୍ଗା ହୋଇଛି ବୋଲି କୁହାଯାଉଛି। ଉକ୍ତ ନାମକୁ ନେଇ ରହିଛି ଲୋକ କଥା। ଉକ୍ତ ଗ୍ରାମକୁ ମୟୂରଭଞ୍ଜ ରାଜା ଘୋଡାରେ ଆସୁଥିଲେ। ଚିକିଟା ମାଟି ଯୋଗୁଁ ରାଜାଙ୍କ ଗୋଡ ଭାଙ୍ଗି ଯାଇଥିଲା। ସେବେଠୁ ସେହି ଗ୍ରାମର ନାମ ଗୋଡଭଙ୍ଗା ବୋଲି ନାମିତ ହୋଇଛି। ଗ୍ରାମରେ ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଚାଷବାସ ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରନ୍ତି। ଜଙ୍ଗଲରେ ହାତୀ, ବାଘ, ଭାଲୁ ଆଦି ଜୀବଜନ୍ତୁ ରହିଛନ୍ତି। ସେହି ରାସ୍ତାଦେଇ ଆନନ୍ଦପୁର ଦେଇ ଭୀମକୁଣ୍ଡ ଜଳପ୍ରପାତକୁ ଯିବାବେଳେ ମନୋରମ ଘାଟି ଓ ଦେବୀଙ୍କ ସ୍ଥଳି ପଡିଥାଏ।

# ଅନ୍ତେବାସୀଙ୍କ ଗୃହ ନିର୍ମାଣରେ ଅନିୟମିତତା

**ତେଲକୋଇ, ୩୧।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡ଼ା ପଞ୍ଚାୟତ ଅଧୀନ ମଧୁସୁଦନପୁର ସେବାଶ୍ରମ ବିଦ୍ୟାଳୟରେ ଅନ୍ତେବାସୀଙ୍କ ଗୃହ ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଗୃହ ନିର୍ମାଣ ପାଇଁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଇଛି। ଗୃହ ନିର୍ମାଣରେ ଅନିୟମିତତାକୁ ନେଇ ଶିକ୍ଷା କମିଟି ଓ ଅଭିଭାବକ ସୋମବାର ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରଛନ୍ତି। ଏ ନେଇ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ ଦେବେନ୍ଦ୍ର ପଲେଇଙ୍କୁ ପଚାରିବାରୁ ବିଭାଗ ଅଧୀନରେ ଉକ୍ତ କାର୍ଯ୍ୟ କରାଯାଉନି କି ଆମେ ଏଥିରେ ହସ୍ତକ୍ଷେପ କରୁନି ବୋଲି ସେ କହିଛନ୍ତି। ଗୃହ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ କିଷାନ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଗୃହ ନିର୍ମାଣରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

## ଶୀତରୁ ରକ୍ଷା ପାଇଁ କମ୍ବଳ ବଣ୍ଟନ



ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

**ଢେଙ୍କିକୋଟ, ୩୧।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ବଣପାହାଡ଼ ଘେରାରେ ବସବସା କରୁଥିବା ଆଦିବାସୀଙ୍କୁ ଶୀତ ଦାଉରୁ ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ସେମାନେ ବଣପାହାଡ଼ ଉପରେ କୁଡ଼ିଆ ଚାଳ ଘର କରି ଅସହାୟ ଭାବେ ରହୁଛନ୍ତି। ଗତ ୩ ଦିନ ଧରି କେନ୍ଦୁଝର ଜିଲାରେ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। କିରିବୁର ହିଲଟପ୍, କାଞ୍ଜିପାଣି, ପଦ୍ମପୁର ବାଉଁଶପାଳ ହାଣ୍ଡିଭଙ୍ଗା ଅଞ୍ଚଳରେ ତୁଷାରପାତ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ ଆଦିବାସୀ ଓ ଆଦିମ ଅଧିବାସୀଙ୍କୁ ସହଯୋଗ କରିଛନ୍ତି। ତତ୍କାଳୀନ ସେବା ବିଭାଗରୁ ସେମାନଙ୍କୁ ଶୀତରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ଲକର ବିଡ଼ିଓଙ୍କୁ ସଜାଗ କରି ତୁରନ୍ତ କମ୍ବଳ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଘଟଗାଁ ବ୍ଲକ ପରିସର ମଧ୍ୟରେ ଉପରଡିହା ଗ୍ରାମ ପଞ୍ଚାୟତରେ ଅସହାୟ ଅବସ୍ଥାରେ ରହୁଥିବା ମହ୍ଲାର ସମ୍ପ୍ରଦାୟର ବୃଦ୍ଧାବୃଦ୍ଧ ଏବଂ ପରିବାର ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଘଟଗାଁ ବ୍ଲକ ଅଧକ୍ଷା ଦ୍ରୌପଦୀ ଦଣ୍ଡପାଟ, ବିଡ଼ିଓ ତ୍ରିଲୋଚନ ମହାନ୍ତି, ଅତିରିକ୍ତ ବିଡ଼ିଓ ବିଚିତ୍ର କର ମିଳିତ ଭାବେ ବ୍ଲକ ପରିସର ମଧ୍ୟରେ କମ୍ବଳ ବାଣ୍ଟିଥିବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ସାନ୍ତରାପୁର ଓ ପୁରୁମୁଣ୍ଡା ପଞ୍ଚାୟତର ବୁଲାଡେରା ଗେହଳମୁଣ୍ଡର ଜୁଆଙ୍ଗ ଜନଜାତିର ଜନସାଧାରଣଙ୍କୁ କମ୍ବଳ ବାଣ୍ଟିବାର କାର୍ଯ୍ୟକ୍ରମ ଅଛି ବୋଲି ଅତିରିକ୍ତ ବିଡ଼ିଓ ବିଚିତ୍ର ପ୍ରକାଶ କରିଛନ୍ତି।

# ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ



ଜଣେ ମହିଳା ସଦସ୍ୟ ଭୋଟ ଦେଉଛନ୍ତି।

**ଆନନ୍ଦପୁର, ୩୧।୧୨(ସ୍ୱ.ପ୍ର.)**

ଆନନ୍ଦପୁର ଘରୋଇ ବସ୍ ମାଲିକ ସଂଘର ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାଠାରୁ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କାର୍ଯ୍ୟ ହୋଇଥିଲା। ସଂଘର ଆଇନ ପରାମର୍ଶଦାତା ତଥା ବରିଷ୍ଠ ଆଇନଜୀବୀ ଚିତରଞ୍ଜନ ଦାଶ ପ୍ରିଜାଇଡିଂ ଅଫିସର୍ ଭାବେ କାର୍ଯ୍ୟ କରିଥିଲେ। ଓକିଲ ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ପୋଲିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। ଅଫିସ କାର୍ଯ୍ୟରେ ଅଚ୍ୟୁତାନନ୍ଦ ଦାଶ ସହାୟତା କରିଥିଲେ। ସଂଘର ସମସ୍ତ ପଦବୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଶେଷ ହୋଇଥିଲା। କେବଳ ସମ୍ପାଦକ ପଦବୀ ପାଇଁ ଭୋଟ ଗ୍ରହଣ ହୋଇଥିଲା।

ସଂଘର ସଭାପତି ଭାବେ ତ୍ରିଲୋଚନ ସାହୁ, ଉପସଭାପତି ପଦ୍ମଲୋଚନ ସାହୁ, ଯୁଗ୍ମ ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁ, କୋଷାଧକ୍ଷ ଦିଲ୍ଲୀପ ସ୍ୱାଇଁ, କାର୍ଯ୍ୟକାରୀ ସମ୍ପାଦକ କୁଳମଣି ସାମଲ, କାର୍ଯ୍ୟକାରୀ ସଦସ୍ୟ ଭାବେ ବିରଭଦ୍ର ସାହୁ, ମାଳତୀ ସାହୁ, ଲକ୍ଷ୍ମୀଧି ସାହୁ, ସୁନନ୍ଦ ସାହୁ, ସୁଦୀପ ସାହୁ, କ୍ଷୀରୋଦ ନାୟକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିଛନ୍ତି। ସଂଘରେ ୨୩ ଜଣ ସଦସ୍ୟ ରହିଛନ୍ତି। ଆରସି ବୁକ୍, ପରମିଟ୍, ଫିଟନେସ୍, ଟାକ୍ସ, ଇନସ୍ୟୁରାନ୍ସ ଆଦି ଯାଞ୍ଚ କରାଯାଇ ଭେଲିଡ୍ ସଦସ୍ୟତା ଗ୍ରହଣ କରାଯାଇଥିବା ଆଇନପରାମର୍ଶଦାତା ଦାଶ ସୂଚନା ଦେଇଛନ୍ତି। ସମ୍ପାଦକ ପଦବୀ ପାଇଁ ୧୭ ଜଣ ଭୋଟ ଦେଇଥିଲେ। ଦୁଇ ଗୋଟି ଭୋଟ ନାକଚ ହୋଇଥିଲା। ଅନ୍ୟ ୧୫ ଗୋଟି ଭୋଟ ନିର୍ମଳ ମିଶ୍ରଙ୍କ ଖାତାକୁ ଯାଇଥିଲା। ନିର୍ମାଳ ମିଶ୍ର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

## ଶୀତ କବିତା ଆସର, ପୁସ୍ତକ ଉନ୍ମୋଚନ

**ଆନନ୍ଦପୁର, ୩୧।୧୨(ସ୍ୱ.ପ୍ର.)**

ପ୍ରଜ୍ଞାଶ୍ରୀ ସାଂସ୍କୃତିକ ପରିଷଦ ଅନୁକୂଲ୍ୟରେ ଶୀତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବୈଜ୍ଞାନିକ ପ୍ରଫେସର ଜଗନ୍ନାଥ ଶାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧାପକ ନିଳାମ୍ବର ବିଶ୍ୱାଳ, ଡ. ବିଦ୍ୟାଧର ବେହେରା, ଅଧାପକ ଡ. ଗୋଲକ ବିହାରୀ ଆଚାର୍ଯ୍ୟ, ପ୍ରଫେସର ଗଦାଧର ମିଶ୍ର ଓଡ଼ିଆ ସାହିତ୍ୟରେ ଶୀତ ବିଷୟରେ ଅଭିମତ ରଖିଥିଲେ। ପରିଷଦର ସମ୍ପାଦକ ରାମଚନ୍ଦ୍ର ସୁର ବିବରଣୀ ପାଠ କରିଥିଲେ। ସଭାପତି କବି ଜଗନ୍ନାଥ ଶାଙ୍କ ରଚିତ କବିତା ପୁସ୍ତକ 'ଗୋଧୂଳୀ ବେଳା'କୁ ହରିହର ମିଶ୍ର ଉନ୍ମୋଚନ କରିଥିଲେ। କବି ଶୁକଦେବ ସାହୁ, ନିରଞ୍ଜନ ବାରିକ, ଚିନ୍ତାମଣି ମହାଳିକ, ଡ. ଅଭିନ୍ନ ସାହୁ, ନିତ୍ୟାନନ୍ଦ ବେହେରା, କୀର୍ତ୍ତନ ସାହୁ, ବିଦ୍ୟାଧର ବେହେରା, ରତ୍ନାକର ଦାସ ପ୍ରମୁଖ କବିତା ପାଠ କରିଥିଲେ।

# ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର

**ଆନନ୍ଦପୁର, ୩୧।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ନଣ୍ଡାବର ଗ୍ରାମରେ ପାନୀଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆନନ୍ଦପୁର ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀନରେ ୮୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ବ୍ୟୟ ଅଟକଳରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବଳରାମ ମିଶ୍ର କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷା ସୁଜାତା ସାହୁ, ସରପଞ୍ଚ ପ୍ରଦୀପ ଧୀର, ସମିତିସଭ୍ୟା ଝୁନୁଲତା ବାରିକ, ପୂର୍ବତନ ଜିଲା ପରିଷଦ ବିଶ୍ୱରଞ୍ଜନ ବେହେରା, ବାତୋ ସେବା ସମବାୟ ସମିତି ସଭାପତି ସୁରେନ୍ଦ୍ର ପାଗଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ନଣ୍ଡାବର ଗ୍ରାମର ପ୍ରଫୁଲ୍ଲ ବାରିକ, ଯୋଗେନ୍ଦ୍ର ବାରିକ, ବସନ୍ତ ଦାସ, ବିଦ୍ୟାଧର ଜେନା, ଶାନ୍ତନୁ ଦାସ, କୃଷ୍ଣ ଚନ୍ଦ୍ର ପରିଡା, ଶିଶିର ଜେନା ପ୍ରମୁଖ ପରିଚାଳନା କରିଥିଲେ।



ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ସୁବ୍ରତ ଏକାଦଶ ଦଳ ଚାମ୍ପିୟନ

**ଢେଙ୍କିକୋଟ, ୩୧।୧୨(ଡି.ଏନ.ଏ.)**

ଢେଙ୍କିକୋଟ ଜନମଙ୍ଗଳ ଯୁବକ ସଂଘର ଦ୍ୱିତୀୟ ବାର୍ଷିକ ଟିଟେନଗୁଲି କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀରେ ଢେଙ୍କିକୋଟ ସୁବ୍ରତ ଏକାଦଶ ଟିମ୍ ସହ ବକ୍ସି ବାରିଗାଁ ଦଳ ମଧ୍ୟରେ ଖେଳି ହୋଇଥିଲା। ଏହି ମ୍ୟାଚରେ ସୁବ୍ରତ ଏକାଦଶ ଚାମ୍ପିୟନ ହୋଇଛି। ସୁବ୍ରତ ଏକାଦଶର କ୍ୟାପଟେନ୍ ସନ୍ତୋଷ କୁମାର ନାୟକ ୪୪ ରନ ସଂଗ୍ରହ କରିଥିଲେ। ପୁରସ୍କାର ବିତରଣୀରେ ଜନମଙ୍ଗଳ ଯୁବକ ସଂଘର ସଦସ୍ୟ ଜିତେନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କୁଳମଣି ମଣ୍ଡଳ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀନମଣି ବେହେରା, ସମ୍ମାନିତ ଅତିଥି ସରପଞ୍ଚ ଅଲେଖ ଚନ୍ଦ୍ର ସିଂହ, ବଣିକ ସଂଘର ସଭାପତି ରାମଚନ୍ଦ୍ରସାହୁ, ସାମାଜିକ କର୍ମୀ ଅଖିଳ ଚନ୍ଦ୍ର ପାତ୍ର, ଖବରଦାତା ନୀଳମଣି ମଣ୍ଡଳ ଯୋଗ ଦେଇଥିଲେ। ଖବରଦାତା ସଞ୍ଜୟ ସାହୁ ଅତିଥି ପରିଚୟ ଦେଇଥିଲେ। ଚାମ୍ପିୟନ ଦଳ ସୁବ୍ରତ ଏକାଦଶକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି, ରନର୍ସଅପ୍ ବକ୍ସି ବାରିଗାଁ ଦଳକୁ ମଧ ପୁରସ୍କୃତ କରାଯାଇଥିଲା। ଏହି ଖେଳରେ ୧୬ ଦଳ ଅଂଶଗ୍ରହଣ କରିଥିଲେ।

# କଲେଜ ଅଧକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସଭାରେ ଯୋଗ ଦେଇଥିବା ଅତିଥି।

**ପାଟଣା, ୩୧।୧୨(ସ୍ୱ.ପ୍ର.)**

ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ଲୋକପ୍ରିୟ ଅଧକ୍ଷ ଶଙ୍କର୍ଷଣ ସାହୁଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶଙ୍କର୍ଷଣ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏ ନେଇ ମହାବିଦ୍ୟାଳୟ ସଭା ଗୃହରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ସଭାରେ ରାଜନିବିଜ୍ଞାନ ଅଧାପକ ହରିହର ଓଝାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପରିଚାଳନା ପରିଷଦର ପ୍ରତିଷ୍ଠାତା ସମ୍ପାଦକ ବିଦ୍ୟାଧର ଦାଶ, ଲକ୍ଷ୍ମଣ ଦାଶ, ଶ୍ରୀକାନ୍ତ ସେଠୀ, କମଳା କାନ୍ତ ପଲେଇ, ଅଧାପିକା ଜ୍ୟୋସ୍ନାମୟୀ ତ୍ରିପାଠୀ, ଡ. ଅବନିକାନ୍ତ ଦାଶ, ପ୍ରମୋଦ ଭଞ୍ଜ, ସନାତନ ମହାନ୍ତ, ପର୍ଶୁରାମ ପଣ୍ଡା ଓ ପୂର୍ବତ୍ତନ ଛାତ୍ର ସଂସଦ ସଭାପତି ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଶଙ୍କର୍ଷଣ କଲେଜର ଜଣେ ଆଗଧା ପ୍ରତିଷ୍ଠାତା ସଭ୍ୟ ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଅଶ୍ୱିନୀ ସାହୁ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଓଡ଼ିଆ, ଇଂରାଜୀ ଓ ଅର୍ଥନୀତି ବିଭାଗ ଛାତ୍ରୀଛାତ୍ର ଓ ଅଧାପିକାଅଧାପକଙ୍କ ତରଫରୁ ଅଧକ୍ଷଙ୍କୁ ସ୍ୱତନ୍ତ୍ର ଉପହାର ଦିଆଯାଇଥିଲା।

## ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ

**ହାଟଡିହୀ, ୩୧।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଡ଼ଙ୍ଗ ମହାବିଦ୍ୟାଳୟରେ ଦୀର୍ଘ ୭ ଦିନ ଧରି ଚାଲିଥିବା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ସୁବ୍ରତ ନାୟକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ କରିଥିଲେ। ଦୁର୍ଯ୍ୟୋଧନ ସାହୁଙ୍କ ସଂଯୋଜନାରେ ୨୫ ଛାତ୍ର ଭାଗ ନେଇଥିଲେ। ଛାତ୍ରମାନେ ମଙ୍ଗରାଜପୁର, ସଡଙ୍ଗ, ନସିରପୁର, ଜାବିନପୁର, ହାବେଳେଶ୍ୱର ଗ୍ରାମର ପୋଖରୀ ଓ ମନ୍ଦିର ସଫେଇ କରିଥିଲେ। ସଚେତନତା ମୂଳକ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀରେ ଅତିଥି ଭାବେ ସାମାଜିକ କର୍ମୀ ରବିନାରାୟଣ ମହାନ୍ତି, ପ୍ରକାଶ ଜେନା ଯୋଗ ଦେଇଥିଲେ। ଉଦ୍‌ଯାପନୀରେ ହାଟଡିହୀ ଏବିଇଓ ସୁରେଶ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ତ୍ରିଲୋଚନ ରାଉଳ, ଅନାଥ ସେଠୀ, ଅତୁଳ ଚରଣ ଜେନା, ବିଷ୍ଣୁ ଚରଣ ମହାରଣା, ପୁଷ୍ପିତା ପହି, ସ୍ୱାଗତିକା ମହାନ୍ତି, ରାଧାଶ୍ୟାମ ସା, ଆଲୋକ ଭୋଇ, ରବିନାରାୟଣ ବଳ, ପ୍ରଫୁଲ୍ଲ ପଢିଆରୀ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ପଞ୍ଚୁପଲୀ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଆନନ୍ଦପୁର, ୩୧।୧୨(ସ୍ୱ.ପ୍ର.)**

ତେଲେଙ୍ଗାନାର ମେହେବୁବ ନଗରରେ ଗତ ୨୩ରୁ ୨୬ ପର୍ଯ୍ୟନ୍ତ ୪ ଦିନ ଧରି ଜାତୀୟ ସ୍ତରୀୟ ଟେନିସ୍ ଭଲିଭଲ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ୧୨ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରି ଜାତୀୟସ୍ତରର ଖେଳରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ହାଇସ୍କୁଲ ୧୦ମ ଶ୍ରେଣୀ ଛାତ୍ର ସ୍ମୃତିରଞ୍ଜନ ସା, ଛାତ୍ରୀ ସନ୍ଧ୍ୟାରାଣି ଯେନା, ନବମ ଶ୍ରେଣୀର ଛାତ୍ରୀ ପିଙ୍କୀ ଯେନା ଓ ଛାତ୍ର ଗଙ୍ଗା ଦେହୁରି ପ୍ରମୁଖ ଜାତୀୟସ୍ତରକୁ ଉନ୍ନିତ ହୋଇଥିଲେ। ପଞ୍ଚୁପଲୀ ହାଇସ୍କୁଲର ଶିକ୍ଷକ ତଥା ଓଡ଼ିଶା ବାଳକ ଦଳର କୋଚ୍ ଦେବିଦାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଜାତୀୟସ୍ତରୀୟ ଚାମ୍ପିୟନସିପ୍‌ରେ ଭାଗ ନେଇଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର ଓ କେନ୍ଦୁଝର ଜିଲାର ଶାରୀରିକ ଶିକ୍ଷା ନିରୀକ୍ଷକ ସର୍ଦ୍ଦାର ବାରିକ ଛାତ୍ରୀଛାତ୍ର ଓ ପଣ୍ଡାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।




ଜାତୀୟ ସ୍ତର ଖେଳରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର।

## ବୃଦ୍ଧାଙ୍କୁ ସହାୟ ହେଲେ ସାମାଜିକ କର୍ମୀ

**ରାଇସୁଆଁ, ୩୧।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଗୋପୀନାଥପୁର ପଞ୍ଚାୟତ ହର୍ଷପୁର ଗ୍ରାମ ନିକଟରେ ଜଣେ ଅଜଣା ବୃଦ୍ଧା ପଡି ରହିଥିଲେ। ଶୀତ ଯୋଗୁଁ ବୃଦ୍ଧା ଜଣଙ୍କ ଚେତାଶୂନ୍ୟ ହୋଇ ପଡିଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳର ସାମିଜିକ କର୍ମୀ ଏଡି. ଜାଭେଦ, ଏମଡି ମୁସ୍ତାକ, ନାସିର ହୋସେନ, ରାସ୍ତୁମ ହୋସେନ ପ୍ରମୁଖ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ସେବା କରିବା ପରେ ବୃଦ୍ଧା ଜଣଙ୍କ ଚେତା ଫେରି ପାଇଥିଲେ। କଥାବାର୍ତ୍ତା କରିଥିଲେ। ବୃଦ୍ଧା ଜଣଙ୍କ ହିନ୍ଦୀ ଭାଷାରେ କଥା ହେଉଥିଲେ। ଆମ୍ବୁଲାନ୍ସ ଡକାଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଛି।

# ଶିକ୍ଷା ସହାୟକଙ୍କ ଧାରଣା

**ହାଟଡିହୀ, ୩୧।୧୨**

ହାଟଡିହୀ ବ୍ଲକର ୨୦୧୨ ବ୍ୟାଚ୍‌ର ଶିକ୍ଷା ସହାୟକଙ୍କୁ ପିଛିଲା ଏରିଅର ମିଳି ନ ଥିବାରୁ ବିଇଓ ଅଫିସ୍ ଆଗରେ ଧାରଣା ଦେଇଛନ୍ତି। ଗତ ୨୦୧୫ ନଭେମ୍ବର ୧୫ରୁ ୨୦୧୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବାକିଆ ଏରିଅର ପଇସା ଶିକ୍ଷକମାନେ ପାଇ ନ ଥିବାର ଅଭିଯୋଗ ହୋଇଛି। ହାଟଡିହୀ ବିଇଓଙ୍କୁ ତଥା ଡିପିସି କେନ୍ଦୁଝରଙ୍କୁ ଅବଗତ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିପାରି ନାହିଁ।

ଶିକ୍ଷାସହାୟକ ସଂଘ ସଭାପତି ଦେବାଶିଷ ବାରିକଙ୍କ ନେତୃତ୍ୱରେ ସୁଧୀର ଜେନା, ଦୀପାଞ୍ଜଳି ବେହେରା, ଶ୍ରମତୀ ମାଝି, ଦୀପକ ନାଇକ, ଅଞ୍ଜନ ଦାସ, ନିରୁପମା ଶଙ୍ଖୁଆ, ପିଙ୍କି ସୋରେନ, ରବୀନ୍ଦ୍ର ଜେନା, ଚଞ୍ଚଳା ଧଉଡିଆ, ଅଶୁତୋଷ ପହି, ଶ୍ରୀକନ୍ତ ମଲିକ, ସଞ୍ଜୟ ପାତ୍ର, ଗୋବର୍ଦ୍ଧନ ସାହୁ, ଦୁର୍ଗା କର, ଶୁସାନ୍ତ ସେଠୀ, ଦିନବନ୍ଧୁ ଦାସ, ପୂର୍ଣ୍ଣିମା ସ୍ୱାଇଁ, ସସ୍ମିତା ସାହୁ, ରୁଚିସ୍ମିତା ବେହେରା, ସରୋଜିନୀ ଜେନା, ହିରାମଣୀ ସାହୁ, ଅନୁସୟା ଖଟୁଆ, ଝୁନା ରାଉତ ପ୍ରମୁଖ ଶିକ୍ଷକ ଧାରଣାରେ ବସିଛନ୍ତି। ସେମାନଙ୍କୁ ବକେୟା ପଇସା ପ୍ରଦାନ କରା ନ ଗଲେ ଆନ୍ଦୋଳନ ଜୋରଦାର କରାଯିବାକୁ ଚେତାବନୀ ଦେଇଛନ୍ତି। ବିଇଓ ଗୁଣନିଧି ଦାସଙ୍କୁ ପଚାରିବାରୁ ଡିପିସିଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଖୁବ ଶୀଘ୍ର ଏହାର ସମାଧାନ ହେବ ବୋଲି ସେ କହିଛନ୍ତି।



ଶିକ୍ଷା ସହାୟକ ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧/୨୦୧୯ Balasore, Tuesday, January 1 / 2019

# ପାଦଚଲା ପୋଲ ନିର୍ମାଣ ଦାବିରେ ଗଣଧାରଣା

**ଖଇରା, ୩୧।୧୨(ଡି.ଏନ.ଏ.)**

ଆମ୍ବହତା କେନାଲ ଖୋଳା ପରେ ଖଇରା ବ୍ଲକ ସାରକୋଣା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ି ବଢ଼ି ଯାଉଛି । ଚାଷଜମିକୁ ଗ୍ରାମବାସୀ ଯାଇ ପାରୁ ନାହାନ୍ତି । କାରଣ ଗ୍ରାମର ଶତପ୍ରତିଶତ ଚାଷଜମି ପୋଲର ଅପର ପାର୍ଶ୍ୱରେ ଥିବାରୁ ଏହା ଚାଷଜମି ଯାତାୟାତ କରିବାରେ ବାଧାସୃଷ୍ଟି କରୁଛି। ଗ୍ରାମର ଜେନାସାହିଠାରେ ପୋଲଟିଏ ପାଇଁ ବିଦ୍ୟାଧରପୁର ସବଡିଭିଜନର ଅଧିକାରୀମାନଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି।



ଗ୍ରାମବାସୀ ଧାରଣାରେ ବସିଛନ୍ତି ।

ଏବର୍ଷ ଚାଷରେ କ୍ଷତି ସହିଥିବା ଗ୍ରାମବାସୀଙ୍କୁ ଆଗାମୀ ବର୍ଷ ଚାଷ ଚିନ୍ତା ଘାରିଲାଣି। ଏକ ପୋଲ ନିର୍ମାଣ ଦାବିରେ ସୋମବାର ଗ୍ରାମବାସୀ ବିଦ୍ୟାଧରପୁର ସବଡିଭିଜନର ଖଇରା ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଅନ୍ୟୁନ ୩ ଘଣ୍ଟା ଧାରଣାରେ ବସି ରହିଥିଲେ। ପରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ ଜେନା ଓ ଆର. କେ ରଥଙ୍କ ସହ ଆଲୋଚନା କରିବା ପରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଖୁବଶୀଘ୍ର ଏହି ଦାବିପତ୍ର ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ଗ୍ରାମର ସୁକାନ୍ତ ଦାସ, ସ୍ନେହଲତା ଦାସ, ଅନୀତା ଜେନା, ପୁଷ୍ପଲତା ଦାସ, କମଳା ଦାସ ପ୍ରମୁଖ ପ୍ରକାଶ କରିଛନ୍ତି । ସେହିଭଳି ବର୍ଷାଦିନ ପୂର୍ବରୁ ପୋଲ ନିର୍ମାଣ ଆରମ୍ଭ ନ ହେଲେ ଗ୍ରାମବାସୀ ଆମରଣ ଅନଶନ କରିବେ ବୋଲି ଧମକ ଦେଇ, ମୀନତି ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### କାର ଧକ୍କାରେ ୨ ମୃତ

**ବହଳଦା,୩୧।୧୨(ଡିଏନ.ଏ.):** ମୟୂରଭଞ୍ଜ ଜିଲା ବହଳଦା ବ୍ଲକର ଦୁଣ୍ଡୁ ଗାଁର ମସରୁଲ୍ ଆଲାମ, ମହମ୍ମଦ ଆଲତାଫ ହୁସେନ ନାମକ ଦୁଇ ବ୍ୟକ୍ତି ନିଜ ଘରକୁ ଯାଉଥିବା ସମୟରେ ଟ୍ରକରେ ପିଟି ହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବହଳଦା ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାସ୍ଥଳରେ ଉତ୍ୟକ୍ତ ଲୋକେ ଟ୍ରକର ଅର୍ଦ୍ଧେକ ଜାଳିଦେଇଥିବାବେଳେ ପୋଲିସ ପହଞ୍ଚି ଦରପୋଡ଼ା ଟ୍ରକଟିକୁ ଜବତ କରିଛି। କିନ୍ତୁ ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ମୃତଦେହ ବ୍ୟବଚ୍ଛେଦ ପରେ ଏହା ଜଣାପଡ଼ିବ ବୋଲି ପୋଲିସ କହିଛି।

### ଚୋରା ପଥର ବୋଝେଇ ଗାଡ଼ି ଜବତ





**ସଜନାଗଡ଼, ୩୧।୧୨(ଡି.ଏନ.ଏ.):** ସୋମବାର ରାତି ୮ଟା ବେଳେ ନୀଳଗିରି ଉପଜିଲାପାଳ ବିଶାଲ ସିଂହ ଜେଲ ରୋଡ଼ସ୍ଥିତ ଏନଏସି କଲ୍ୟାଣ ମଣ୍ଡପ ସାମ୍ନାରୁ ଏକ ଚୋରା ପଥର ବୋଝେଇ ଗାଡ଼ିକୁ ଜବତ କରି ଥାନା ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ ପରମେଶ୍ୱର ନାମକ ଟ୍ରକ (ନଂ.ଓଆର-୦୪-ଡି-୨୯୫୧) ବାଗୁଡ଼ି ଅଞ୍ଚଳରୁ ଚୋରା ପଥର ବୋଝେଇ କରି ମିତ୍ରପୁର ଯାଉଥିବା ବେଳେ ଉପଜିଲାପାଳ ଗାଡ଼ିର ପରମିଟ୍ ଯାଞ୍ଚ ପାଇଁ ଟ୍ରକକୁ ଅଟକାଇ ଥିଲେ। ଯାଞ୍ଚ ବେଳେ ଡ୍ରାଇଭର ପରମିଟ୍ ନ ଦେଖାଇ ପାରିବାରୁ ଏହି ପଥର ବୋଝେଇ ଟ୍ରକକୁ ଜବତ କରିଥିବା ଜଣାପଡ଼ିଛି।

### ଥରୁଛି ସଦର ଅଞ୍ଚଳ

**ରାଇସୁଆଁ, ୩୧।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ଅଞ୍ଚଳରେ ଶୀତର ଲହରୀ ଜାରି ରହିଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସନ୍ଧ୍ୟା ହେଲେ ଦୋକାନ ବଜାର ବନ୍ଦ ହୋଇଯାଉଛି। ଲୋକେ ଶୀତରୁ ରକ୍ଷା ପାଇଁ ନିଆଁ ଜାଳି ବସି ରହୁଛନ୍ତି। ଏହିପରି ଥଣ୍ଡା ଆଗରୁ କେବେ ହୋଇ ନ ଥିଲା ବୋଲି ଲୋକେ କହୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ବରଫ ଆସ୍ତରଣ ଦେଖିବାକୁ ମିଳୁଛି ବୋଲି ଦୁର୍ଯ୍ୟଧନ ପାତ୍ର କହିଛନ୍ତି।

### ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ଅଭିଯୋଗ

**ଖଇରା, ୩୧।୧୨(ଡି.ଏନ.ଏ.):** ଖଇରା ଥାନା ମାଖନପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ହେମନ୍ତ ସାମଲଙ୍କୁ କେତେକ ଲୋକ ଆକ୍ରମଣ କରିଥିବା ନେଇ ସେ ସୋମବାର ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ସେ କାର୍ଯ୍ୟାଳୟରେ ବସି କାର୍ଯ୍ୟ କରୁଥିବା ବେଳେ ସାଉଣ୍ଡିଆ ଗ୍ରାମର ୩ଜଣ ଲୋକ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ପ୍ରସଙ୍ଗକୁ ନେଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଖଇରା ପୋଲିସ ତଦନ୍ତ ଆରମ୍ଭ କରିଛି ।

■ ଗୋଚର ଜମିରେ ମହିଳା ସଂଘ ଗୃହ ନିର୍ମାଣକୁ ବିରୋଧ

# ତହସିଲ କାର୍ଯ୍ୟାଳୟ ସାମ୍ନାରେ ଗ୍ରାମବାସୀଙ୍କ ଅନଶନ





ତହସିଲ କାର୍ଯ୍ୟାଳୟ ସାମ୍ନାରେ ଗ୍ରାମବାସୀ ଅନଶନରେ ବସିଛନ୍ତି।

**ତିହିଡ଼ି, ୩୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡି ତହସିଲ ଅଧୀନ ଫତେପୁର ପଞ୍ଚାୟତ ଗୋଳାପୋଖରୀ ମୌଜାରେ ଗୋଚର ଜମିରେ ମହିଳା ସଂଘ ଗୃହ ନିର୍ମାଣକୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ସୋମବାର ତହସିଲ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରିଥିଲେ। ଉକ୍ତ ଗୃହ ନିର୍ମାଣକୁ ବନ୍ଦ କରାଯିବା ସହ ନିର୍ମାଣାଧୀନ ଗୃହକୁ ଉଚ୍ଛେଦ ପାଇଁ ଦାବି କରାଯାଇଥିଲା। ଗୋଳାପୋଖରୀ ମୌଜାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଗ୍ରାମବାସୀ ତହସିଲଦାର, ବିଡିଓ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ବନ୍ଦ କରିବାକୁ ଦାବି ଜଣାଇଥିଲେ। ତହସିଲଦାର କୈଳାସ ଚନ୍ଦ୍ର ମହାଳିକ ଏବଂ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏହାର ତଦନ୍ତ କରି କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଅବମାନନା କରାଯାଇ ନିର୍ମାଣ କାର୍ଯ୍ୟ ଚାଲୁ ରଖାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମର ପ୍ରଦୀପ ବଳ, ପ୍ରଫୁଲ୍ଲ ମହାପାତ୍ର, ଗୟାଧର ବେହେରା, ନିରାକାର ବେହେରା, ପ୍ରମୋଦ ପାଣିଗ୍ରାହୀ ଅନଶନରେ ସାମିଲ ହୋଇଥିଲେ। ସେମାନଙ୍କ ଅନଶନକୁ ସମର୍ଥନ କରି କମଳାକାନ୍ତ ମିଶ୍ର, ଅଜୟ ମହାପାତ୍ର, ସତ୍ୟଜିତ୍ ବନ୍ଧ, ଉଷାରାଣୀ ପାଣିଗ୍ରାହୀ, ସୋନାଲି ମହାପାତ୍ର ଅନଶନ ସ୍ଥଳରେ ବସିଥିଲେ। ତହସିଲଦାର ଏବଂ ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଆସି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଅନଶନରୁ ଉଠିଥିଲେ।

■ ନୀଳଗିରି ଡାକ୍ତରଖାନାରେ ଖୋଲିଲା ରାତ୍ରିକାଳୀନ ଆହାର କେନ୍ଦ୍ର

# ଟିକେଟ କାଟି ଭୋଜନ କଲେ ବିଧାୟକ, ଉପଜିଲାପାଳ

**ସଜନାଗଡ଼, ୩୧।୧୨(ଡି.ଏନ.ଏ.)**

ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ସୋମବାର ରାତି ୭ଟା ବେଳେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଉପଜିଲାପାଳ ବିଶାଳ ସିଂହ, ଏନଏସି ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ବତନ ଏନଏସି ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ବିଧାୟକ ନାୟକ ରାତ୍ରୀକାଳିନ ଆହାର ସେବାର ଶୁଭାରମ୍ଭ କରିଛନ୍ତି । ପ୍ରଥମେ ବିଧାୟକ ନାୟକ, ଉପଜିଲାପାଳ ସିଂହ, ପୂର୍ବତନ ଏନଏସି ଅଧ୍ୟକ୍ଷ ଖଟୁଆ, ନିର୍ବାହୀ ଅଧିକାରୀ ମହାପାତ୍ର ନିଜେ ଥାଳି ଧରି ସାଧାରଣ ଜନତାଙ୍କ ସହିତ ଆହାର କେନ୍ଦ୍ରରେ ବସି ଭାତ, ଡାଲମା ଓ ଆଚାର ଖାଇଥିଲେ । ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଉପଖଣ୍ଡ ଚିକିତ୍ସାଳୟରେ ରହୁଥିବା ରୋଗୀଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ବିଧାୟକ କହିଥିଲେ। ଏହି କେନ୍ଦ୍ରରେ ଦିନରେ ୨ ଶହ ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ରାତିରେ ୧୫୦ ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି।



ଆହାର କେନ୍ଦ୍ରରେ ବିଧାୟକ ଓ ଉପଜିଲାପାଳ ବସି ଭୋଜନ କରୁଛନ୍ତି।

ଚାଉଳ ହେରଫେର ଘଟଣା

# ଗୋଦାମ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍

**ଭଦ୍ରକ ଅଫିସ, ୩୧।୧୨**

ଭଦ୍ରକ ଜିଲା ଯୋଗାଣ ନିଗମ ଅଧୀନରେ ଜିଲାରେ ଥିବା ବିଭିନ୍ନ ଗୋଦାମରେ ଚାଉଳ ହେର୍‌ଫେର ଘଟଣା ଦିନକୁ ଦିନ ଜଟିଳ ମୋଡ଼ ନେଉଛି। ବାସୁଦେବପୁର ବ୍ଲକ ବ୍ରାହ୍ମଣୀଗାଁ ଘରୋଇ ମାଲିକାନାଠାରୁ ଭଡ଼ା ସୂତ୍ରରେ ରଖାଯାଇଥିବା ଗୋଦାମ ଯାଞ୍ଚ ବେଳେ ଆବଶ୍ୟକତାଠାରୁ ଅଧିକ ବସ୍ତା ଚାଉଳ ଥିବା ଜଣାପଡ଼ିଥିଲା। ଏହି ଘଟଣାରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଗୋଦାମ ଦାୟିତ୍ୱରେ ଥିବା ପିଆଇ ବିରେନ୍ଦ୍ର କୁମାର ରାଉତଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଏବେ ଗୋଦାମ ମାଲିକ ତଥା ପରିଚାଳକ ପଦ୍ମପୁର ଗାଁର ଓମ୍‌ପ୍ରକାଶ ନାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ୭ ଦିନ ମଧ୍ୟରେ ସେ ସନ୍ତୋଷଜନକ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। ଆବଶ୍ୟକତାଠାରୁ ୮ ବସ୍ତା ଗହମ କମ୍ ଓ ୮୫୪ ବସ୍ତା ଚାଉଳ ଅଧିକ ରହିବା ପରୋକ୍ଷରେ ଦୁର୍ନୀତିକୁ ଇଙ୍ଗିତ କରୁଛି ବୋଲି ଉକ୍ତ ନୋଟିସ୍‌ରେ ଦର୍ଶାଯାଇଛି। ଷ୍ଟୋରେଜ ଏଗ୍ରିମେଣ୍ଟ ଧାରା ୭.୧୧(ଏ)କୁ ଏହା ଉଲ୍ଲଂଘନ କରୁଥିବାରୁ ସନ୍ତୋଷଜନକ ଉତ୍ତର ନ ମିଳିଲେ ଏଗ୍ରିମେଣ୍ଟ ବାତିଲ କରାଯିବ ବୋଲି ଚିଠି ସଂଖ୍ୟା ୨୦୧୨୯ ତା ୨୯।୧୨।୨୦୧୮ ରିଖରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଉଲ୍ଲେଖ କରିଛନ୍ତି।

# ଭାଜପାର ମଥାନୀ ସୋସାଇଟି ଘେରାଉ



ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଘେରାଉ କରାଯାଇଛି।

**ବସ୍ତା, ୩୧।୧୨(ସ୍ୱ.ପ୍ର.)**

ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ସୋସାଇଟି ବସ୍ତା ଭାଜପା କୃଷକମୋର୍ଚ୍ଚା ପକ୍ଷରୁ ଧାନ କିଣାବେଳେ ଓଜନର କଟତି ଏବଂ ଧାନର ସହାୟକ ମୂଲ୍ୟ ବୃଦ୍ଧି ପାଇଁ ଘେରାଉ କରାଯାଇଛି। କେନ୍ଦ୍ରସରକାର ଧାନର ସହାୟକ ମୂଲ୍ୟ ୨୫୦ ଟଙ୍କା ବୃଦ୍ଧି କଲା ପରେ ମଧ୍ୟ ରାଜ୍ୟ ସରକାର ମୂଲ୍ୟ ବୃଦ୍ଧି ନ କରିବା ଘଟଣାକୁ ଭାଜପା କୃଷକ ମୋର୍ଚ୍ଚା ଘୋର ନିନ୍ଦା କରିଛି । କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ସୋସାଇଟି ଘେରାଉ କରାଯାଇଥିବା ବେଳେ ବସ୍ତା ନିର୍ବାଚନମଣ୍ଡଳୀ ନେତା ଜାତୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ମହେନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଅଜୟ ସାହୁ, ବରିଷ୍ଠ ନେତା ରଞ୍ଜନ ମହାନ୍ତି, ମଣ୍ଡଳ ସଭାପତି ଶିବାନନ୍ଦ ଦାସ ଓ ଅଦ୍ୱୈତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ୪ରୁ ଆନନ୍ଦପୁର ମହୋତ୍ସବ

**ଘସିପୁରା, ୩୧।୧୨**

ଆନନ୍ଦପୁର ଷ୍ଟାଡ଼ିୟମରେ ୪ରୁ ୯ ପର୍ଯ୍ୟନ୍ତ ଆନନ୍ଦପୁର ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ମହୋତ୍ସବର ମଶାଲ ଶୋଭାଯାତ୍ରା ଶୁକ୍ରବାର ସକାଳ ୭ଟାରେ ଝାଡ଼େଶ୍ୱର ମନ୍ଦିରରୁ ବାହାରି ଘସିପୁରା ଓ ଆନନ୍ଦପୁର ନଗର ପରିକ୍ରମା କରିବ। ମଶାଲକୁ ଆନନ୍ଦପୁର ଷ୍ଟାଡ଼ିୟମଠାରେ ସ୍ଥାପନ କରାଯିବ। ଅପରାହ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଅନନ୍ତ ଦାଶ ଯୋଗଦେବେ ବୋଲି ସୂଚନା ମିଳିଛି। ବିଭିନ୍ନ ପ୍ରକାର ଷ୍ଟଲ ଖୋଲା ଯିବ ବୋଲି ଜଣାଯାଇଛି। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ସ୍ଥିର ହୋଇଛି। ଶୁକ୍ରବାର ଓଡ଼ିଶୀ ଓ ମହମ୍ମଦ ନାସିର ଏଣ୍ଡ ଗ୍ରୁପ୍‌ର ମେଲୋଡ଼ି କାର୍ଯ୍ୟକ୍ରମ ରହିଛି। ୫ ତାରିଖରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କାର୍ଯ୍ୟକ୍ରମ ରହିଛି। ୬ରେ ଝୁମର ଓ ଦୀପ୍ତି ରେଖା ପାଢ଼ୀ ଏଣ୍ଡ ଗ୍ରୁପ୍‌ର ମେଲୋଡ଼ି, ୭ରେ ଅଜିଜ୍ ଏଣ୍ଡ ଗ୍ରୁପର ମେଲୋଡ଼ି, ୮ରେ ଅନ୍‌ମୋଲ ଏଣ୍ଡ ଗ୍ରୁପର ମେଲୋଡ଼ି, ୯ରେ ଅଭିଜିତ୍ ମଜୁମ୍‌ଦାର ନାଇଟ୍ ମେଲୋଡ଼ି ପରିବେଷଣ କରିବେ ବୋଲି ସ୍ଥିର ହୋଇଥିବା ସୂଚନା ମିଳିଛି।

# ନୂଆବର୍ଷ ପାଇଁ ସବୁଜ ବନାନୀ ଅଭିଯାନ

**ରୂପ୍‌ସା, ୩୧।୧୨(ଡି.ଏନ୍.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଅଞ୍ଚଳରେ ୧୯୯୧ ମାଟ୍ରିକ୍ ବ୍ୟାଚ୍ ଛାତ୍ର ସଂଘ ଆନୁକୂଲ୍ୟରେ ସୋମବାର ସବୁଜ ବନାନୀ ଅଭିଯାନର ଶୁଭାରମ୍ଭ କରାଯାଇଛି। ଆଙ୍କୋ ପଦ୍ମକିଶୋର ମହାଦେବ ମନ୍ଦିର ନିକଟ ପୋଖରି ଆଡ଼ିରେ ବଉଳ, ଆମ୍ବ, ଜାମୁ, ଚମ୍ପା, ଟଗର, ଅଶୋକ, ମନ୍ଦାର, ଆମଳା ଚାରା ରୋପଣ କରାଯାଇ ନବବର୍ଷ ୨୦୧୯କୁ ସ୍ୱାଗତ କରାଯାଇଥିଲା। ଛାତ୍ରସଂଘ କର୍ମକର୍ତ୍ତା ପ୍ରଦୀପ ସାହୁଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ବଂଶୀଧର ବେହେରା, ସମ୍ମାନିତ ଅତିଥି ପ୍ରଧାନଶିକ୍ଷକ ନରେନ୍ଦ୍ର ବେହେରା, ପ୍ରକୃତିପ୍ରେମୀ ଯତୀନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷରୋପଣ ହିଁ ଶ୍ରେଷ୍ଠ ମାଧ୍ୟମ ବୋଲି ବକ୍ତବ୍ୟରେ କହିଥିଲେ। ଛାତ୍ରସଂଘର କର୍ମକର୍ତ୍ତା ରଣଜିତ ଦାସ, ଚତୁର୍ଭୁଜ ମହାପାତ୍ର, ପ୍ରଭାକର ବିଶ୍ୱାଳ, ପ୍ରଶାନ୍ତ ପଟ୍ଟନାୟକ, ବିରଞ୍ଚି ପ୍ରଧାନ ପ୍ରମୁଖ ଆଗାମୀ ଦିନରେ ରୂପ୍‌ସା ଅଞ୍ଚଳରେ ସବୁଜବନାନୀ ସୃଷ୍ଟି କରାଯାଇ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଶପଥ ନେଇଥିଲେ।

■ ଅମାରଙ୍ଗରେ ଦାମୋଦର ପର୍ବ

# ବୈତରଣୀ କୂଳ ଲୋକାରଣ୍ୟ



ଦାମୋଦର ପର୍ବରେ ବୈତରଣୀ କୂଳରେ ଲାଗିଥିବା ଭିଡ଼।

**କୋଲିମାଟି, ୩୧।୧୨**

ଆନନ୍ଦପୁର ବ୍ଲକ ଅଧୀନ ଧକୋଠା ପଞ୍ଚାୟତ ଅମାରଙ୍ଗର ବୈତରଣୀ ନଦୀ କୂଳରେ ଦାମୋଦର ପର୍ବ ପାଳିତ ହୋଇଛି। ୫ଶହରୁ ଊର୍ଦ୍ଧ୍ୱ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ଦାମୋଦର ପର୍ବ ପାଳନ କରିଛନ୍ତି। ଏ ନେଇ ବୈତରଣୀ ନଦୀ କୂଳ ଲୋକାରଣ୍ୟ ହୋଇପଡ଼ିଥିଲା। ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାନ୍ତାଳ ସମ୍ପ୍ରଦାୟର ବର୍ଷକ ମଧ୍ୟରେ ମୃତ୍ୟୁ ହୋଇଥିବା ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୁଦ୍ଧକ୍ରିୟା କରିବା। ପରିବାର ଲୋକେ ବୈତରଣୀରେ ସ୍ନାନ ପରେ ମାରାଂବୁର ଠାକୁର ନିକଟରେ ପୂଜାର୍ଚ୍ଚନା କରି ତିଳତର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ଜିନିଷ ପତ୍ର ଦାନ ମଧ୍ୟ କରାଯାଇଛି।

ଏହି ପର୍ବରେ ଏକ ଆକର୍ଷଣ ନାଚ ଦେଖିବାକୁ ମିଳିଥିଲା। ଝିଅପୁଅ ମିଶି ହାତକୁ ହାତ ଧରି ନାଚ କରିଥିଲେ। ଏହା ତାଙ୍କର ପରମ୍ପରା ନାଚ ବୋଲି କୁହାଯାଉଛି। ଏହି ଦାମୋଦର ପର୍ବରେ କେନ୍ଦୁଝର ଜିଲା ସମେତ ପଡୋଶୀ ମୟୂରଭଞ୍ଜ, ଯାଜପୁର, ଢେଙ୍କାନାଳ ଓ ଝାଡଖଣ୍ଡଠାରୁ ମଧ୍ୟ ବହୁ ସଂଖ୍ୟାରେ ଆଦିବାସୀ ଲୋକ ସାମିଲ ହୋଇଥିଲେ।

# ସମବାୟ ସମ୍ପାଦକଙ୍କୁ ନିଲମ୍ବନ କଲା ସମିତି ବୋର୍ଡ

**ପଦ୍ମପୁର, ୩୧।୧୨ (ଡି.ଏନ.ଏ.)**

ଭଦ୍ରକ ବ୍ଲକ ସାବରଙ୍ଗ ସେବା ସମବାୟ ସମିତି ସମ୍ପାଦକ ଚକ୍ରଧର ନାୟକଙ୍କୁ ସମିତି ବୋର୍ଡ ପକ୍ଷରୁ ନିଲମ୍ବନ କରାଯାଇଛି। ଚାଷୀ ହରମୋହନ ବାରିକଙ୍କ ବିଷପିଇ ଆତ୍ମହତ୍ୟା ଉଦ୍ୟମ ଘଟଣାରେ କାର୍ଯ୍ୟରେ ଅବହେଳା ପାଇଁ ସମ୍ପାଦକ ନାୟକଙ୍କୁ ନିଲମ୍ବନ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନମ୍ବର ୭୪୧୩ ତା ୨୨।୧୨।୧୮ ରିଖରେ ଏଆର୍‌ସିଏସ୍ ସ୍ୱାତୀବାଳା ମହାପାତ୍ର ତାଙ୍କୁ ନିଲମ୍ବନ କରିଥିଲେ। ସମବାୟ ସମିତିର ନିୟମ ଅନୁଯାୟୀ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ସମିତି ବୋର୍ଡର ପରିସରଭୁକ୍ତ ହୋଇଥିବା ଦର୍ଶାଇ ଏହି ନିଲମ୍ବନକୁ ସଭାପତି ଭ୍ରମରବର ନାୟକ ବିରୋଧ କରିଥିଲେ। ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଏଆର୍‌ସିଏସ୍ ସମିତି ସଭାପତିଙ୍କୁ ଚିଠି ମାଧ୍ୟମରେ ସମ୍ପାଦକଙ୍କୁ ନିଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସାବରଙ୍ଗ ସମବାୟ ସମିତିର ପରିଚାଳନା ପରିଷଦ ଆଦେଶ ସଂଖ୍ୟା ୪୯ ତା ୩୧।୧୨।୧୮ ରିଖରେ ସମ୍ପାଦକଙ୍କୁ ନିଲମ୍ବନ କରିଛନ୍ତି। ଏଥିସହ ତାଙ୍କର ସମସ୍ତ ଦାୟିତ୍ୱ ସମିତିର ସହସମ୍ପାଦକ ବିଭୁତି ଭୂଷଣ ନାୟକଙ୍କୁ ହସ୍ତାନ୍ତର କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।





୩୩
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ